### ବାଲି ମାଫିଆ ଓ ପଶ୍ଚିମବଂଗ ପୁଲିସ ମୁହାଁମୁହିଁ ଘଟଣା

# ହତ୍ୟା ଉଦ୍ୟମ ନେଇ ମାମଲା ରୁଜୁ, ଗିରଫ ଭୟରେ ମାଫିଆ ଫେରାର

**ଜଲେଶ୍ୱର, ୧୮।୧(ସମିସ):**

ଗତ ବୁଧବାର ଜଲେଶ୍ୱର ବ୍ଲକ ଦକ୍ଷିପପ୍ରହରାଜପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଗୁଆଗଡ଼ିଆ ଠାରେ ଥିବା ବାଲି ସୈରାତରେ ବେଆଇନ୍ ବାଲି ଚୋରି କୁ ନେଇ ବାଲି ମାଫିଆ ଓ ପଶ୍ଚିମବଂଗ ପୁଲିସ ମଧ୍ୟରେ ହୋଇଥିବା ମୁହାଁମୁହିଁ ପରିସ୍ଥିତିକୁ ନେଇ ବାଲେଶ୍ୱର ଜିଲ୍ଲା ଅଧୀନ ଜଲେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାରେ ୩୦ ରୁ ଊର୍ଦ୍ଧ୍ୱ ବାଲି ମାଫିଆ ଓ ଗୁଣ୍ଡା।।ଗର୍ଦ୍ଦି ଭିଆଇ ଥିବା ଲୋକଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଛି। ପଶ୍ଚିମବଂଗ ରାଜ୍ୟ ପଶ୍ଚିମ ମେଦିନୀପୁର ଜିଲ୍ଲା ଦାନ୍ତୁନ୍ ଥାନା ଅନ୍ତର୍ଗତ ସୋନାକୋଣିଆ ମୌଜା ଅଧୀନ ଥିବା ବାଲି ଖାଦାନରୁ ଉକ୍ତ ମାଫିଆ ମାନେ ବାଲି ଚୋରି କରି ନେଉଥିବା ସମୟରେ ଏହିଭଳି ଘଟଣା ସୃଷ୍ଟି ହୋଇଛି। ପଶ୍ଚିମବଂଗ ପୁଲିସ ବିଭାଗର ସଶସ୍ତ୍ର ବାହିନୀ(ଆର୍ମ ବ୍ରାଞ୍ଚ) ରେ କାର୍ଯ୍ୟରତ ଏଏସଆଇ ରାମପ୍ରକାଶ ସିଂଙ୍କ ଲିଖିତ ଅଭିଯୋଗ ମୂଳେ ରାଇବଣିଆ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ମାମଲାରେ ଦକ୍ଷିଣପ୍ରହରାଜପୁର ପଞ୍ଚାୟତ ମାଗୁଣିଆପଡ଼ା ଗ୍ରାମର କାର୍ତ୍ତିକ ଘୋଷ, ରଜନୀ ଘୋଷ, ଶିବଶଙ୍କର ଘୋଷ, ସମରେନ୍ଦ୍ର ମହାନ୍ତି, ତପନ ମହାନ୍ତି, ଅମିତ ମହାନ୍ତି, ସତ୍ୟବ୍ରତ ଦିନ୍ଦା ଓରଫ ନନା, ରାଇବଣିଆ ଥାନାଞ୍ଚଳର ସତ୍ୟରଞ୍ଜନ ଦାସ, ମନୋଜ ନାୟକ ଓ ଗୁଆଗଡ଼ିଆ ଅଞ୍ଚଳର ୨୫ ରୁ ୩୦ଊର୍ଦ୍ଧ୍ୱ ଆକ୍ରମଣକାରୀଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଉକ୍ତ ଘଟଣାପରେ ଆଜି ଏହି ଗୁଆଗଡ଼ିଆ ବାଲି ସୈରାତରୁ ବାଲି ଚୋରି ବନ୍ଦ ଥିବା ଦେଖାଦେଇଛି। ଏହି ମାମଲା ରୁଜୁକୁ ନେଇ ଗୁଆଗଡ଼ିଆ, ମାଗୁଣିଆପଡ଼ା ଓ ରାଇବଣିଆ ଥାନାଞ୍ଚଳର କିଛି ବ୍ୟକ୍ତି ଗିରଫଦାରୀ ଭୟରେ ଫେରାର ଥିବା ଜଣାପଡ଼ିଛି। ସେହିପରି ଦାନ୍ତୁନ ଥାନାରେ ମଧ୍ୟ ଉକ୍ତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଅନ୍ୟ ଏକ ଅନୁରୂପ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଉଭୟ ରାଜ୍ୟର ପୁଲିସ ବାଲି ମାଫିଆଙ୍କ ଏତାଦୃଶ ଗୁଣ୍ଡାଗର୍ଦ୍ଦି ଓ ବାଲି ଚୋରି ପାଇଁ ପୁଲିସ ଅଧିକାରୀ ତଥା କର୍ମଚାରୀଙ୍କ ଉପରେ ହତ୍ୟା ଉଦ୍ୟମ ଭଳି ଅପଚେଷ୍ଟାକୁ ଗୁରୁତ୍ୱର ସହ ନେଇଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ଗତକାଲିର ଘଟଣା ଘଟିବାର ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ସ୍ଥାନୀୟ ରାଜସ୍ୱ, ପୁଲିସ ଓ ଖଣି ବିଭାଗର କୌଣସି ଉଚ୍ଚ ପଦସ୍ଥ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନାହାଁନ୍ତି। ଦୀର୍ଘଦିନ ଧରି ଉକ୍ତ ଗୁଆଗଡ଼ିଆ ବାଲି ସୈରାତରୁ ଅହରାତ୍ର ବାଲି ଚୋରି କରି ମାଫିଆ ମାନେ ରାଜ୍ୟ ତଥା ରାଜ୍ୟ ବାହରର ବିଭିନ୍ନ ସ୍ଥାନକୁ ଚାଲାଣ କରି ନିଜେ କୋଟିପତି ହେବା ସଂଗେସଂଗେ ଦୁର୍ନିତୀଗ୍ରସ୍ତ ପ୍ରଶାସନିକ ଓ ପୁଲିସ ଅଧିକାରୀ, କର୍ମଚାରୀ, ବିଭିନ୍ନ ରାଜନୈତିକ ଦଳର କୁଜିନେତାଙ୍କ ପକେଟ ଭରୁଥିବା କାରଣରୁ ଏହି ମାଫିଆଙ୍କ ପ୍ରତି ପ୍ରଶାସନ ତଥା ପୁଲିସ ତରଫରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାକୁ ନେଇ ବୁଦ୍ଧିଜୀବୀ ତଥା ସଚେତନ ନାଗରିକ ସେମାନଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି।

## 'ନୂଆ- ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



**ଜଲେଶ୍ୱର ବ୍ଲକ, ୧୮।୧ (ସମିସ) :** ଜଲେଶ୍ୱର ଦେଉଳି ପଞ୍ଚୁଘଣ୍ଟାରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ 'ନୂଆ-ଓ' ଓଡ଼ିଶା ସାହିତ୍ୟ ପ୍ରତିଯୋଗିତାର ଶୁଭ ଉଦଘାଟନ ହୋଇ ଯାଇଛି। ଉକ୍ତ ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷା ମାମିରାଣୀ ମହାନ୍ତି ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅର୍ଥନୀତି ଅଧ୍ୟାପିକା ତଥା କବୟିତ୍ରୀ ଇନ୍ଦୁମତୀ ଗିରି ଓ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଅନନ୍ତ କୁମାର ଦାସ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ନୋଡାଲ ଅଫିସର ଡକ୍ଟର ନୀଳକଣ୍ଠ ଖଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୃହ ବିଜ୍ଞାନ ଅଧ୍ୟାପିକା ଅଞ୍ଜଳି ଚକ୍ରବର୍ତ୍ତୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ଶ୍ରୀମତୀ ଚନ୍ଦ୍ରଲେଖା ମହାକୂଳ, ଅର୍ଥନୀତି ଅଧ୍ୟାପିକା ସୁରତି ଦେ, ସଂସ୍କୃତ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଉଦୟ କୁମାର ଗିରି, ଇଂରାଜୀ ପି.ଜି.ଟି ମଲ୍ଲିକା ଦାସ, ଇତିହାସ ପି.ଜି.ଟି ସୌମିୟ କୁମାର ପ୍ରଧାନ, କ୍ରୀଡ଼ା ଶିକ୍ଷୟିତ୍ରୀ କବିତା ବାଲା ପ୍ରଧାନ, ପିଅନ ଅମୀମା ଭୂୟାଁ, ପ୍ରଭାତୀ ସେନ ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ନବ ନିଯୁକ୍ତ ଇତିହାସ ପିଜିଟି ସୌମୀୟ କୁମାର ପ୍ରଧାନଙ୍କୁ ଅଧ୍ୟକ୍ଷା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ସାହିତ୍ୟ-ସଂସ୍କୃତି ପ୍ରତିଯୋଗିତା ଉଦ୍‌ଘାଟିତ



**ସୋର, ୧୮।୧(ସମିସ):** ସୋର ବ୍ଲକ କୁଡେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ-ସଂସ୍କୃତି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ କରୁଣାକର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିଗମାନନ୍ଦ ବେହେରା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦୀପ କିଶୋର ପଣ୍ଡା, ଅଧ୍ୟାପିକା ଗୀତାଞ୍ଜଳି ରଥ, ଅନ୍ନପୂର୍ଣ୍ଣା ମିଶ୍ର, ଜ୍ୟୋତ୍ସ୍ନାରାଣୀ ପାଢ଼ୀ ଏବଂ ବିଦ୍ୟାନ୍ତି ନାୟକ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନୋଡାଲ ଅଫିସର ସଞ୍ଜୟ କୁମାର ମୁଦୁଲି ଅତିଥି ପରିଚୟ ଏବଂ ଅଧ୍ୟାପିକା ମଧୁସ୍ମାତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଷେ ହେଲା ଦରମାରୁ ବଞ୍ଚିତ ପାଚିକା ସହାୟିକା

### ପ୍ରାପ୍ୟ ପାଇଁ ଲାଞ୍ଚ ଅଭିଯୋଗ, ଖଣ୍ଡନକଲେ ପ୍ରଧାନଶିକ୍ଷୟିତ୍ରୀ

**ରାଜଘାଟ, ୧୮।୧ (ସମିସ):** ସ୍ୱଳ୍ପ ଦରମା(ମାସିକ ୧୪ଶହ) ପାଉଥିବା ପାଚିକା ସହାୟିକା ଯିଏକି ବର୍ଷେ ଧରି ଗୋଟିଏ ନିର୍ଦ୍ଦିଷ୍ଟ ସ୍କୁଲରେ କାର୍ଯ୍ୟକରି ତାଙ୍କୁ କୌଣସି ପ୍ରାପ୍ୟ ମିଳି ନଥିବା ବେଳେ ବକେୟା ଦରମା ପ୍ରଦାନ ଲାଗି ହଜାରେ ଟଙ୍କା ଲାଞ୍ଚ ମଗାଯାଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ ଅନ୍ତର୍ଗତ ଏକ?ାଳିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ସୂଚନା ଅନୁସାରେ, ବର୍ଷେ ପୂର୍ବେ ଏହି ବିଦ୍ୟାଳୟରେ ଅଞ୍ଜୁଳତା ବେହେରା ନାମ୍ନୀ ମହିଳା ପାଚିକା ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ସେ ଅବ୍ୟାହତି ନେବାରୁ ନୂତନ ପାଚିକା ସହାୟିକା ଲାଗି ଆବେଦନ ପ୍ରକ୍ରିୟା ଲୋଡ଼ା ହେଲା। ଏହା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗାଇଡ ଲାଇନର ପ୍ରଥମ ପ୍ରାଥମିକତା ମୂଳେ ନିରାଶ୍ରୟ ମହିଳା, ଅନୁସୂଚିତ ଜାତି ଓ ଜନଜାତିରୁ କୌଣସି ମହିଳା ଉକ୍ତ ପଦବୀ ପାଇଁ ଆବେଦନ କରି ନଥିବାରୁ ଅନ୍ୟ ପଛୁଆ ବର୍ଗରୁ ସଞ୍ଜୁଲତା ଗନ୍ତାୟତ ଓ ପଦ୍ମାବତୀ ମହାନ୍ତି ନାମକ ଦୁଇଜଣ ମହିଳା ଆବେଦନ କରିଥିଲେ। କାଗଜାତ ଯାଞ୍ଚ ସମୟରେ ଦୁହିଁଙ୍କ ମଧ୍ୟରୁ ପଦ୍ମାବତୀ ଭୋଟ୍ ପରିଚୟ ପତ୍ର ଓ ବ୍ୟକ୍ତିଗତ ଘୋଷଣାନାମା ପତ୍ର ଦେଇ ନଥିବାରୁ ତାଙ୍କର ଆବେଦନ ପତ୍ରଟି ଅଗ୍ରାହ୍ୟ କରାଯାଇଥିଲା। ଫଳରେ ସଞ୍ଜୁଲତାଙ୍କୁ ନୂତନ ପାଚିକା ସହାୟିକା ଭାବେ ଚୟନ କରାଯାଇଥିଲା ଓ ପରିବର୍ତ୍ତୀ ମୁହୂର୍ତ୍ତରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୦୭ ମୂଳେ ୧୫ ଫେବ୍ରୁଆରୀ ୨୦୨୩ ରେ ସଞ୍ଜୁଲତାଙ୍କୁ ଉକ୍ତ ବିଦ୍ୟାଳୟରେ ପାଚିକା ସହାୟିକା ଭାବେ ନିଯୁକ୍ତି ମିଳିଥିଲା ଯାହାଙ୍କର କି ମାସିକ ଦରମା ଥିଲା ୧୪ଶହ ଟଙ୍କା। ମାତ୍ର ବିଡ଼ମ୍ବନାର ବିଷୟ କି ସଞ୍ଜୁଲତାଙ୍କ ନିଯୁକ୍ତିକୁ ବର୍ଷେ ବିତିବାକୁ ବସିଥିଲେ ଥିଲେ ହେଁ ଏଯାଏଁ ତାଙ୍କୁ କୌଣସି ଦରମା ମିଳିନାହିଁ। ଏ ନେଇ ସେ ବାରମ୍ବାର ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ପଣ୍ଡା, ସିଆରସିସି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଗୁହାରୀ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। କିଛି ଦିନ ତଳେ ସଞ୍ଜୁଲତା ଓ ତାଙ୍କ ବାପା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ପଣ୍ଡାଙ୍କୁ ଭେଟିବାରୁ ତୁମର ଦରମା ଟଙ୍କା ହୋଇଯାଇଛି ମାତ୍ର ଉପର ମହଲରେ ତାହା ଅଟକି ରହିଛି, ହଜାରେ ଟଙ୍କା ଦେଲେ ଯାଇ କାମ ହେବ ବୋଲି କହିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଉପରେ ଅଣାଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ କୁମାର ସାମନ୍ତଙ୍କୁ ଯୋଗାଯୋଗ କରିବାରୁ ସେ ପୂର୍ବ ପିଟିଏ ମିଟିଂରେ ଏହି ବିଷୟକୁ ଉତ୍ଥାପନ କରି ତୁରନ୍ତ ଉକ୍ତ ଅସହାୟ ମହିଳାଙ୍କୁ ବକେୟା ଦରମା ପ୍ରଦାନ ନିମନ୍ତେ ଦୃଷ୍ଟି ଦେବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିବା ଜଣାଇଛନ୍ତି। ସୂଚନା ଥାଉକି ସଞ୍ଜୁଲତା ଉକ୍ତ ବିଦ୍ୟାଳୟରେ ପାଚିକା ସହାୟିକା ଭାବରେ ଯୋଗ ଦେବାର ୫ ମାସ ପରେ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା। ଏହା ପରେ ସେ ନିଜର ୭ବର୍ଷର ଶିଶୁପୁତ୍ରକୁ ଘେନି ଅତି ଦୟନୀୟ ଜୀବନ ବିତାଉଛନ୍ତି। ଘଟଣା ସମ୍ପର୍କରେ ବସ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନାଙ୍କୁ ଯୋଗାଯୋଗ କରିବାରୁ ବକେୟା ଦରମା ଲାଗି ଉକ୍ତ ଅସହାୟ ମହିଳାଙ୍କ ନିକଟରୁ ଲାଞ୍ଚ ମାଗିଥିବା ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତାକାଲି ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସଞ୍ଜୁଲତାଙ୍କୁ କାର୍ଯ୍ୟାଳୟକୁ ଡାକି ସବିଶେଷ ଘଟଣା ବାବଦରେ ବୁଝିବେ ବୋଲି ପ୍ରତିକ୍ରିୟାରେ କହିଥିଲେ।

## ଦୀନକୃଷ୍ଣ କଲେଜରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



**ଜଲେଶ୍ୱର ବ୍ଲକ, ୧୮।୧(ସମିସ):** ଦୀନକୃଷ୍ଣ ମହାବିଦ୍ୟାଳୟରେ 'ନୂଆ-ଓ' ଓଡିଆ ସାହିତ୍ୟ ପ୍ରତିଯୋଗୀତା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଦିଲ୍ଲିପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ହେମନ୍ତ କୁମାର ଘଡାଇ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟୟନ ସହିତ ଭାଷା, ସାହିତ୍ୟ, ସଂସ୍କୃତିର ସଂରକ୍ଷଣକୁ ଗୁରୁତ୍ୱ ଦେବାକୁ ଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। କ୍ଷେତ୍ରାଧିକାରୀ ଧନେଶ୍ୱର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପାରିଚୟ ପ୍ରଦାନ କରିଥିଲେ। ପରିଚାଳନା ସଭାପତି କମଳାକାନ୍ତ ଚନ୍ଦ, ଜୟ ମହାପାତ୍ର, ଡ. ହିମାଂଶୁ ସାମଲ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ମାନସ ଦାସ, ବିରଞ୍ଚିନାରାୟଣ ସାହୁ, ଦୀପକ ସେନାପତି, ସମିର ଦାସ, ବ୍ରଜମୋହନ ପଟ୍ଟାୟତ, ରାଜେନ୍ଦ୍ର ମାଝି, କୁନାଲ ଖଟୁଆ, ରୋଜି ମଲ୍ଲିକ, ପ୍ରିୟଦର୍ଶନୀ କର, କବିତା ଖୁଣ୍ଟିଆ, ପୂଜା ହାତୀ, ତପନ ପାତ୍ର ପ୍ରମୁଖ ପରିଚଳନା କରିଥିବା ବେଳେ କ୍ଷେତ୍ରାଧିକାରିଣୀ ପୁଷ୍ପାଞ୍ଜଳି ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାସବିହାରରେ ବ୍ୟାସକବିଙ୍କ ଜୟନ୍ତୀ ଉତ୍ସବ

**ବାଲେଶ୍ୱର, ୧୮।୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବ୍ୟାସକବି ତଥା ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ୧୮୨ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଓ କୁଳସଚିବ କୁକୁମୀନା ଦାସଙ୍କ ଉପସ୍ଥିତିରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାର ସମ୍ମାନିତ ଅତିଥି ଭାବେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, କବି ଅଭୟ ଦାସ ଓ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ଫକୀରମୋହନ ସେନାପତିଙ୍କ ଲିଖିତ କବିତା-ଗଳ୍ପ-ଉପନ୍ୟାସଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ 'ବ୍ୟାସସମ୍ଭାର' ପତ୍ରିକା ପାଠକାର୍ପିତ ହୋଇଥିଲା। ଫକୀରମୋହନଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଦେବାଶିଷ ପାତ୍ର ଥିବାବେଳେ ବହୁସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଜିଲ୍ଲା ମହୋତ୍ସବର ପଲ୍ଲିଶ୍ରୀ ଓ କୋଶମ୍ବ ମେଳାରେ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ବର୍ଦ୍ଧନା

**ଜଲେଶ୍ୱର ବ୍ଲକ, ୧୮।୧ (ସମିସ)** ବାଲେଶ୍ୱର ଜିଲ୍ଲା ମହୋତ୍ସବର ପଲ୍ଲିଶ୍ରୀ ଓ କୋଶମ୍ବ ମେଳାରେ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଲେଶ୍ୱର ଜିଲ୍ଲାର ଜଲେଶ୍ୱର ଅଞ୍ଚଳରେ ଗଢ଼ି ଉଠି ଥିବା ଉତ୍କଳ ଜନନୀ ସେବା ସଂଗଠନ ପରିବାରକୁ ଗତ ସୋମବାର ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଜିଲ୍ଲା ମହୋତ୍ସବର ପଲ୍ଲୀଶ୍ରୀ ମେଳା ଓ କୋଶମ୍ବ ମେଳାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେଧ, ଆରକ୍ଷୀ ଅଧିକ୍ଷକ ସାଗରୀକା ନାଥ ଏବଂ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଦିଆଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ରକ୍ତଦାନ, ସ୍ୱଚ୍ଛଭାରତ, ଅନ୍ନଦାନ, ବାସ୍ତ୍ରଦାନ, କନ୍ୟାଶ୍ରାମରେ ଜନ୍ମଦିନ ପାଳନ, ବୃକ୍ଷ ରୋପଣ, ଦୁର୍ଘଟଣା ଗ୍ରସ୍ତ ପରିବାରକୁ ହସ୍ପିଟାଲ ନେବା, ଗ୍ରୀଷ୍ମ ପ୍ରବାହରେ ଦହି, ଲେମ୍ବୁ ସରବତ ବଣ୍ଟନ, ବନ୍ୟା ପ୍ରଭାବିତ ଅଞ୍ଚଳକୁ ଶୁଖିଲା ଖାଦ୍ୟ ବଣ୍ଟନ, ଘରପୋଡିରେ ରେସନ ସାମଗ୍ରୀ ପ୍ରଦାନ, ଗରିବ ଦୁଖୀଙ୍କ ଝିଅ ବାହାଘରରେ ଅର୍ଥ ଦାନ, ଅସହାୟ ମୃତ୍ୟୁ ପରିବାରକୁ ଖାଦ୍ୟ ସାମଗ୍ରୀ ପ୍ରଦାନ, ଶୀତ ଦିନେ କମ୍ବଳ ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପୁରସ୍କୃତ କରାଯାଇଛି। ସଂଗଠନର ସଭାପତି ହେମନ୍ତ କୁମାର ଜେନା, ସମ୍ପାଦକ ଗଗନ ବିହାରୀ ସାହୁ, ଉପଦେଷ୍ଟା ଗଣେଶ ଚନ୍ଦ୍ର ଜେନା, ସୁମତି ସାହୁ, ସତ୍ୟନାଥ ଦାସ, ସତ୍ୟବ୍ରତ ପଣ୍ଡା, ଉମେଶ ଜେନା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ପାର୍ବତୀ ରାଉତ
ତିରୋଧାନ: ୦୯.୦୧.୨୦୨୪
ସ୍ଥାନ: କଟକ
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଶ୍ରୀକାନ୍ତ ରାଉତ, ଧୁଷାସନ ରାଉତ, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ବାଲେଶ୍ୱର, ୧୮।୧(ସମିସ):** ଏସ୍ଆରବି ସ୍ୱସ୍ତିକ ବୋଭର୍ଟ ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଫାଉଣ୍ଡେସନର ମୁଖ୍ୟ ସଂଯୁକ୍ତା ରାଣୀ ବେହେରାଙ୍କ ନେତୃତ୍ୱରେ ମିତ୍ରପୁର ମହିଷାପଟା ପଞ୍ଚାୟତର ଶାଳବଣୀ ଗ୍ରାମର ଗରିବ ପରିବାରଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

### ଘଣ୍ଟିଲୋଡ଼ି-ପାଲୁସିଆ ରାସ୍ତା ପାର୍ଶ୍ୱ ବେଆଇନ ଅବରୋଧ

# ଯାତାୟାତରେ ଉପୁଜୁଛି ସମସ୍ୟା; ପ୍ରଶାସନ ନିରବଦ୍ରଷ୍ଟା

**ବାଲେଶ୍ୱର(ଉତ୍ତର), ୧୮।୧ (ସମିସ):**



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଘଣ୍ଟିଲୋଡ଼ି-ପାଲୁସିଆ ରାସ୍ତା ପାର୍ଶ୍ୱରେ ବେଆଇନ ଅବରୋଧ ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ରାସ୍ତା ନିର୍ମାଣ ବେଳେ ୧୦ଫୁଟ ଓସାର କଂକ୍ରିଟ ତଥା ପିଚୁ ପରେ ଉଭୟ ପାର୍ଶ୍ୱରେ ୩ଫୁଟ ଓସାର ମୋରାମ ବିଛା ଯାଇଥିଲା ବେଳେ ବିଭିନ୍ନ ସ୍ଥାନରେ ଲୋକେ ଏବେ କଂକ୍ରିଟ କୁ ଲଗାଇ ବାଡ଼ ବସେଇ ଦେଇ ସାରିଲେଣି। ଏପରିକି ରାସ୍ତା ଉପରେ ଗୋରୁ ଗାଈ ବାନ୍ଧିବା, ଜାଳେଣି ଶୁଖାଇବା ସହ ଘରୁ ନିର୍ଗତ ହେଉଥିବା ମଇଳା ପାଣି ଛାଡ଼ି ଅପରିଷ୍କାର କରୁଛନ୍ତି। ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ପଥ କୁ ଅବରୋଧ କରିବା ଫଳରେ ବର୍ଷା ଦିନରେ ରାସ୍ତା ଉପରେ ପାଣି ଜମିଯାଇ ଯିବା ଆସିବା ରେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଅବରୋଧକାରୀ ବ୍ୟକ୍ତି ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଦେହୁର୍ଦ୍ଦା ଥାନା ଛକ - ଭୋଗରାଇ ହାଟ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଜଲେଶ୍ୱରପୁର ଚଟାଣ ଛକ ଠାରୁ ଘଣ୍ଟିଲୋଡ଼ି-ପାଲୁସିଆ ପର୍ଯ୍ୟନ୍ତ ୩.୫କିଲୋମିଟର ପ୍ରଧାନମନ୍ତ୍ରୀ ସଡ଼କରେ ଏବେ ବେଆଇନ ଅବରୋଧକାରୀଙ୍କ ଯୋଗୁଁ ପଥଚାରୀ ମାନେ ପ୍ରତିଦିନ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି। ଏହି ସଡ଼କ ସହିତ ଜାମ?ା-ଅନନ୍ତପୁର, ଜାମଦା- ନାଇଁଦୋଳି- ନିମାତପୁର, ପ୍ରଧାନମନ୍ତ୍ରୀ ସଡ଼କ ସହିତ ଗୋପୀନାଥପୁର-ଜୟରାମପୁର ଏବଂ ଟେଙ୍ଗରାମାରୀ ସଡ଼କ ସହିତ ସଂଯୋଗ କରୁଛି। ପ୍ରତିଦିନ ପ୍ରାୟ ୧୫ରୁ ଅଧିକ ପଞ୍ଚାୟତ ର ଲୋକେ ବ୍ଲକମୁଖ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଜଲେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଭୋଗରାଇ ଥାନା, ସବ ରେଜେଷ୍ଟ୍ରି କାର୍ଯ୍ୟାଳୟ, ବ୍ୟାଙ୍କ ସହିତ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ, କାର୍ଯ୍ୟ ପାଇଁ ଆସୁଥିବା ବେଳେ ଆର ଆଇ ଏଚ ଏସ କଲେଜ କୁ ପିଲା ମାନେ ଆସିଥାନ୍ତି। ସେହିପରି ଦୈନିକ ମାଲବାହୀ ଟ୍ରକ, ଅଟୋ, ଚାରିଚକିଆ ଓ ଦୁଇ ଚକିଆ ଯାନ ଚଳ ପ୍ରଚଳ କରିଥାଏ। ମାତ୍ର ଚଟାଣ ଛକ ଠାରୁ ଏହି ରାସ୍ତାର ପାର୍ଶ୍ୱରେ ୩୦୦ ମିଟର ପର୍ଯ୍ୟନ୍ତ ଏବଂ ପାଲୁସିଆ ଚଣ୍ଡିମନ୍ଦିର ଠାରେ ଥିବା ଜଳ ନିଷ୍କାସନ ପଥ ଅବରୋଧ ହୋଇଥିବାରୁ ବର୍ଷା ଦିନରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଥିବା ରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଘଣ୍ଟିଲୋଡ଼ି ଛକ ଠାରୁ କୁମାରଜାଲିନା ଛକ ପର୍ଯ୍ୟନ୍ତ ପ୍ରାୟ ୨ଶହ ମିଟର ରାସ୍ତା ପାର୍ଶ୍ୱ ଲୋକଙ୍କ ଦ୍ୱାରା ଅବରୋଧ ହେବା ସହ ଘରୁ ନିର୍ଗତ ମଇଳା ପାଣି ରାସ୍ତା ଉପରେ ଛାଡ଼ି ଦେଉଛନ୍ତି। ସେହିପରି କୁମାରଜାଲିନା ଛକ ଠାରୁ ଜାମଡ଼ାବନ୍ଧ ର ପ୍ରାୟ ୧କିଲୋମିଟର ରାସ୍ତା ପାର୍ଶ୍ୱରେ ଥିବା ଜମି କୁ ଲୋକେ ମାଟି ପୁରେଇ ଘରବାଡ଼ିପ୍ଲଟ କରି ରାସ୍ତା କୁ ଲାଗି ବାଡ଼ ବସେଇ ସଂକୀର୍ଣ୍ଣ କଲେଣି। ଏପରିକି ଏକ ସରକାରୀ ପଦା କୁ ଜନୈକ ବ୍ୟକ୍ତି ଜବରଦଖଲ କରି ରଖିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ଏଠାରେ ପୋତା ଯାଉଥିବା ଖୁଣ୍ଟ ଏବେ ରାସ୍ତାକୁ ଲାଗି ବସୁଛି। ଅନ୍ୟପକ୍ଷରେ ଏହି ରାସ୍ତାର ପାଲୁସିଆ ଗାଁ ଭିତରେ ମଧ୍ୟ ଅବସ୍ଥା ନ କହିଲେ ଭଲ। କେତେକ ବ୍ୟକ୍ତି ଜଳ ନିଷ୍କାସନ ପଥ ଅବରୋଧ କରିଥିବାରୁ ଦୀର୍ଘଦିନ ଧରି ଏଠାରେ ବର୍ଷା ଦିନ ଆସିଲେ ରାସ୍ତା ଉପରେ ପାଣି ଆଣ୍ଠୁଏ ହେଉଛି। ଫଳରେ ଏହି ରାସ୍ତା ଦେଇ ଦୈନିକ ଯାତାୟାତ କରୁଥିବା ଲୋକେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବର୍ଷ ବର୍ଷ ଧରି ଏହି ବ୍ୟସ୍ତବହୁଳ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ମନୁଷ୍ୟକୃତ ଭାବେ ବିପର୍ଯ୍ୟସ୍ତ ହୋଇଥିଲା ବେଳେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ପାର୍ଶ୍ୱ ରେ ବଢ଼ିଚାଲିଥିବା ବେଆଇନ ଅବରୋଧ କୁ ହଟାଇବା ସହ ରାସ୍ତାକୁ ଅପରିଷ୍କାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବିଭିନ୍ନ ସ୍ଥାନରେ ଉପୁଜିଥିବା ଜଳ ନିଷ୍କାସନର ବ୍ୟବସ୍ଥା କରିବା ପାଇଁ ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚ ସହିତ ଭୋଗରାଇ ର ସଚେତନ ନାଗରିକ ମାନେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ

**ସୋର, ୧୮।୧(ସମିସ):** ସୋର ଉପେନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି



ଭାବେ ଫକୀରମୋହନ କଲେଜର ଆତ୍ମସୁରକ୍ଷା ପ୍ରଶିକ୍ଷଣର ସଂଯୋଜକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଛାତ୍ରୀମାନଙ୍କ ଆତ ସୁରକ୍ଷା ପାଇଁ ନିଜେ ପ୍ରଶିକ୍ଷିତ ହେବା ଜରୁରୀ ବୋଲି କହିଥିଲେ। କଲେଜ ପ୍ରଶାସନିକ ଅଧିକାରୀ ପ୍ରାଧାପକ ସୁଶାନ୍ତ କୁମାର ଦେ ଏହି ଅବସରରେ ଛାତ୍ରୀମାନଙ୍କ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସ୍ୱତନ୍ତ୍ର ସଂଯୋଜକ ଡ. କୃଷ୍ଣଚନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହଯୋଗୀ ସଂଯୋଜକ ଅର୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଷ୍ଟର ଟ୍ରେନର ଭାବେ ଆଦ୍ୟାଶା ଦାସ, କ୍ରିଷ୍ଣାପ୍ରଭା ପଣ୍ଡା ପାଣିଗ୍ରାହୀ, ଜୟଶ୍ରୀ ସାମଲ, ସସ୍ମିତା ଖଟୁଆ ଯୋଗଦେଇଥିଲେ। ଏହି ଶିବିରରେ ମୋଟ ୩୦୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି।



# ଆର୍ଟ ୱାର୍କସପ୍ ୨.୦' ଶୀର୍ଷକରେ ଚିତ୍ରକଳା ପ୍ରଦର୍ଶନୀ



**ବାଲେଶ୍ୱର, ୧୮ା୧(ସମିସ):** ୟଙ୍ଗ ହାର୍ଟସ୍ ଦ୍ୱାରା ଆୟୋଜିତ 'ଆର୍ଟ ୱାର୍କସପ ୨.୦' ଶୀର୍ଷକରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଲେଖକ ତଥା ରାଜନେତା ପ୍ରସନ୍ନ ପାଟଶାଣୀ ଉଦଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ବରିଷ୍ଠ ଚିତ୍ରଶିଳ୍ପୀ ତାପସ ପଣ୍ଡା, ସନ୍ତୋଷ ମହାରଣା, ଯୁବ ଚିତ୍ରଶିଳ୍ପୀ ଇସ୍ମିତା ଦେ, ରାଜକିଶୋର ଦାଣ୍ଡି, ପ୍ରିୟଦର୍ଶିନୀ ଦାସ ଅଧିକାରୀ, ନୂତନ ଚିତ୍ରଶିଳ୍ପୀ ମୋନାଲି ସେନ, ଦେବସ୍ମିତା ସେଠୀ, ଚିତ୍ରା ଅର୍ପିତା ରାଉତ, ଅବିନାଶ ପ୍ରଧାନ, ବସନ୍ତ ବେହେରା, ଶୁଭ୍ରାଂଶୁ ବାରିକ, ଏଲିନା ପଣ୍ଡା, ଲକ୍ଷ୍ମୀ ପ୍ରିୟା ଭୋଇ, ସୁନିତା ଦାସ, ବିଜୟିନୀ ଦାସ, ସ୍ଲୋଗାନ ବାରିକଙ୍କ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଓ ନବଜ୍ୟୋତି ପଟ୍ଟନାୟକ ଯୁବ ଚିତ୍ରଶିଳ୍ପୀ ଅରୁଣ ବାରିକଙ୍କୁ ସମ୍ବର୍ଦ୍ଧନା କରିବା ସହିତ ଅନ୍ୟମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ରଦର୍ଶନୀରେ ପାରମ୍ପରିକ, ସାମାଜିକ ନାରୀ ଜୀବନୀ, ସଚେତନତା, ଦାର୍ଶନିକ ତତ୍ତ୍ୱ, ସମ୍ପ୍ରତିକ ସମାଜର ଘଟଣା, ଦୃଶ୍ୟ ଚିତ୍ର ପ୍ରଭୃତି ସ୍ଥାନିତ ହୋଇଥିଲା। ୟଙ୍ଗ ହାର୍ଟସ୍ ର ସଭାପତି ମରୁତ ରାଉତ ଏହି ପ୍ରଦର୍ଶନୀକୁ ପରିଚାଳନା କରିବା ସହିତ ତାଙ୍କ ଚିତ୍ର ମଧ୍ୟ ସ୍ଥାନିତ ହୋଇଥିଲା। ରମାକାନ୍ତ ଦାସ ଏହି ପ୍ରଦର୍ଶନୀରେ ସହଯୋଗ କରିଥିଲେ।

## ● ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

# 'ଭାଷାର ବିକାଶ ହେଲେ ଜାତିର ବିକାଶ ହୋଇପାରିବ'



**ବାଲେଶ୍ୱର, ୧୮ା୧(ସମିସ):** ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ-୨୦୨୪ ବାଲେଶ୍ୱର ସାବିତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ସବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ଆଜି ବିଶ୍ୱସ୍ତରରେ ପହଞ୍ଚାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ସାବିତ୍ରୀ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାଷାର ବିକାଶ ହେଲେ ଜାତିର ବିକାଶ ହୋଇ ପାରିବ ଏବଂ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭାର ବିକାଶ ହୋଇ ପାରିବ ବୋଲି କହିଥିଲେ। କାଉନସିଲର ଗୌରୀ ଦାଶ, କାର୍ତ୍ତିକ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ରାଣୀ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ବେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅତିଥିମାନେ ପୁଣ୍ୟାତ୍ମା ଗୋପବନ୍ଧୁ ପୁସ୍ତକ ସମସ୍ତ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ବନଲତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମ୍ୟାଜିକ ଶୋ ଆୟୋଜିତ ହୋଇଥିଲା।

# ଆଜିଠୁ ଏଫ୍‌ଏମ୍‌ୟୁରେ ଦ୍ୱି-ଦିବସୀୟ ଆନ୍ତର୍ଜାତିକ ସମ୍ମିଳନୀ

## ତଥ୍ୟ ଉପସ୍ଥାପନା କରିବେ ୮୮ ଗବେଷକ

**ବାଲେଶ୍ୱର, ୧୮ା୧(ସମିସ):**

ଶିକ୍ଷାନୁଷ୍ଠାନର ମାନ ଓ ଶିକ୍ଷାର ବିସ୍ତାରିତ ପ୍ରସାରଣର ପରିମାପକକୁ ବଢ଼ାଇବାର ଲକ୍ଷ୍ୟ ନେଇ ଆସନ୍ତା ୧୯ ଓ ୨୦ ତାରିଖରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ ଠାରେ ଏକ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ବିଶେଷ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ 'ଅନ୍ତର୍ନିବେଶୀ ଶିକ୍ଷା ପରିଚାଳନା: ଭିନ୍ନତା ସଂଯୋଜନ ଏବଂ ଶିକ୍ଷାର୍ଥୀ ସଶକ୍ତୀକରଣ' ମୁଖ୍ୟ ପ୍ରସଙ୍ଗ ଓ ବିଷୟବସ୍ତୁ ଆଧାରିତ ଏହି ଆନ୍ତର୍ଜାତିକ ସମ୍ମିଳନୀରେ ସଂସାଧନ ବ୍ୟକ୍ତି ବିଶେଷଜ୍ଞ ଭାବେ ଭାରତ, ନେପାଳ, ୟୁକେ, ବଙ୍ଗଳାଦେଶ, ଅଷ୍ଟ୍ରେଲିଆ ତଥ କାନାଡାରୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ଏହି ସମ୍ମିଳନୀର ପରାମର୍ଶଦାତା କମିଟିରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ବରିଷ୍ଠ ବିଶେଷଜ୍ଞଙ୍କ ସହ ଅରୁଣାଚଳ ପ୍ରଦେଶ, ଆସାମ, ପଶ୍ଚିମବଙ୍ଗ ଓ ଦକ୍ଷିଣ ଆଫ୍ରିକାରୁ ମଧ ସଦସ୍ୟ ସାମିଲ ହୋଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟ ତରଫରୁ ସୂଚିତ କରାଯାଇଛି। ଏଥିସହ 'ଇନକ୍ଲୁସିଭ ଏଜୁକେସନ' ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରାୟ ୮୮ ଜଣ ଗବେଷକ ଅଂଶଗ୍ରହଣ କରି ନିଜର ତଥ୍ୟକୁ ଉପସ୍ଥାପନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ଅନେକ ସଂଖ୍ୟାରେ ଶିକ୍ଷାବିତ, ଗବେଷଣାରତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇ ଏହାକୁ ସଫଳ କରିବାକୁ କାର୍ଯ୍ୟକ୍ରମର ସଂଯୋଜକ ତଥା ଶିକ୍ଷା ବିଭାଗର ମୁଖ୍ୟ ଆସୋସିଏଟ ପ୍ରଫେସର ଜ୍ୟୋତି ଶଂକର ପ୍ରଧାନ, ସଂଗଠନିକ ସମ୍ପାଦକ ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ସଂଯୁକ୍ତ ସଂଗଠନିକ ସମ୍ପାଦକ ଡ. ପ୍ରତିମା ପ୍ରଧାନ ନିବେଦନ କରିଛନ୍ତି।

# ମନ ଜିଣୁଛି 'ଜଗା ତୁ ଯାଦୁଗର'




**ବାଲେଶ୍?ର, ୧୮ା୧(ସମିସ):** ନିକଟରେ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହୋଇଛି। ଏହାକୁ ନେଇ ସବୁଠି ଜଗନ୍ନାଥମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ପ୍ରଥମ ଥର ଜଗନ୍ନାଥଙ୍କୁ ନେଇ ଗୀତ ଲେଖିଥିବା ବାଲେଶ୍ୱରର ଜଣେ ଯୁବ ଗୀତିକାର ଏବେ ଚର୍ଚ୍ଚାରେ। ଶ୍ରୀଜଗନ୍ନାଥଙ୍କ ସେଇ ଗୀତ ସମସ୍ତଙ୍କ ମୁହଁରେ ଥିବାବେଳେ ରିଲସ୍ ରେ ମଧ୍ୟ ଏହା ଟ୍ରେଣ୍ଡ କରୁଥିବା ଦେଖିବାକୁ ମିଳିଛି। ଏବେ ସମସ୍ତଙ୍କ ମନ ଜିଣୁଛି ନୂଆ କରି ରିଲିଜ ହୋଇଥିବା ଯୁବ ଗୀତିକାର ରାମକୃଷ୍ଣ ବାରିକଙ୍କ 'ଜଗା ତୁ ଯାଦୁଗର' ଭଜନ ସଙ୍ଗୀତ। ସୋର ବ୍ଲକ ଶିଙ୍ଗାଖୁଣ୍ଟା ସିମୁଳିପାଟଣା ଗାଁର ନିରଞ୍ଜନ ବାରିକ ଓ ସରସ୍ୱତୀ ବାରିକଙ୍କ ପୁଅ ହେଉଛନ୍ତି ରାମକୃଷ୍ଣ। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ତଥା ବିଭିନ୍ନ ସଙ୍ଗୀତ ଭିତ୍ତିକ ରିଆଲିଟି ସୋ'ର ଚର୍ଚ୍ଚିତ ବିଚାରପତି ରହିଆସୁଥିବା ଅଭିଜିତ୍ ମିଶ୍ର ଏହି ଗୀତକୁ ନିଜ ଅନ୍ଦାଜରେ ଏବଂ ସାଆନ୍ତେଙ୍କ ପ୍ରତି ସମର୍ପଣ ଭାବ ନେଇ ଗାଇଛନ୍ତି।

# କେକେଏସ୍‌ରେ 'ନୂଆ-ଓ'ର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




**ବାଲେଶ୍ୱର, ୧୮/୧(ସମିସ):** ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତି ଓଡ଼ିଆଙ୍କ ପ୍ରାଣକେନ୍ଦ୍ର। ସେମାନଙ୍କ ଜନଜୀବନ ଜଗନ୍ନାଥ ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଖାଲି ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱକୁ, ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜଗନ୍ନାଥ ସଂସ୍କୃତି ଏକତା ସୂତ୍ରରେ ବାନ୍ଧିରଖି ଶାନ୍ତି-ମୈତ୍ରୀ-ପ୍ରୀତିର ବାର୍ତ୍ତା ବାଣ୍ଟି ଆସିଛି। କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରେକ୍ଷାଳୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉପଲକ୍ଷେ 'ନୂଆ-ଓ' ପକ୍ଷରୁ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟନ ଅବସରରେ ଅତିଥିମାନେ ଏପରି ବକ୍ତବ୍ୟ କରିଛନ୍ତି। ଉଦଘାଟନୀ ଦିବସରେ କେକେଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ 'ଓଡ଼ିଆ ପରମ୍ପରାରେ ଜଗନ୍ନାଥ ସଂସ୍କୃତି' ଶୀର୍ଷକରେ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ଡ. ସୁବ୍ରତା ଦେବାଙ୍ଗନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ସଦର ବିଧାୟକ ସ୍ୱରୂପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. କବିତା ବାରିକ୍ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ପାତ୍ର, ଅଧ୍ୟାପକ ରାଜକିଶୋର ପଣ୍ଡିତ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଯୋଜିକା ଅଧ୍ୟାପିକା ଡ. ରିଙ୍କି ବେହେରା ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୁରୁଡାରେ ଶ୍ରୀରାମ ଚରିତ ମାନସ ପାରାୟଣ



**ବାଲେଶ୍ୱର, ୧୮ା୧(ସମିସ):** ସ୍ଥାନୀୟ କୁରୁଡା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ନବଦିନ ବ୍ୟାପି ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ଅଷ୍ଟାଦଶ ବାର୍ଷିକ ଉତ୍ସବ ଆରମ୍ଭ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମିଳିତ ଜାତିସଂଘର ସ୍ୱୀକୃତି ପ୍ରାପ୍ତ ଡାକ୍ତର ଡଃ. ସୁଧାଂଶୁ ପରିଡ଼ା ଉତ୍ସବ ଶୁଭାରମ୍ଭ କରିଥିଲେ। କମିଟିର ସଭାପତି ଲକ୍ଷ୍ମୀଧର ମହାପାତ୍ର, ଉପସଭାପତି ରାଜେନ୍ଦ୍ର ରାଉତ, ସମ୍ପାଦକ ଶରତ କୁମାର ଜେନା, ବ୍ୟାସ ଜଳଧର ପଣ୍ଡା, ସହ ସମ୍ପାଦକ ମନୋଜ କୁମାର ପଣ୍ଡା ଏବଂ ଭାସ୍କର ଚନ୍ଦ୍ର ପଣ୍ଡା, ଶ୍ରୀଧର ବେହେରା, ବଂଶୀଧର ଦଳେଇ, କାର୍ତ୍ତିକ ଚନ୍ଦ୍ର ଗିରି, ଶାନ୍ତନୁ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ପ୍ରବଚକ ଦେବାଶିଷ ଦ୍ୱିବେଦୀ ଉଦଘାଟନୀ ପ୍ରବଚନ ରଖିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଭାସ୍କର ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର, ୧୮ା୧(ସମିସ): ବାଲେଶ୍ୱର ପୌରପାଳିକାର ସୁନହଟସ୍ଥିତ ବଳାଙ୍ଗୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରର ଉଦଘାଟନୀ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଅଞ୍ଜୁବାଳା ଦାସ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଜିଲ୍ଲାର ସଂଯୋଜକ ଡକ୍ଟର ସନ୍ତୋଷ କୁମାର ରାଉତ ଯୋଗ ଦେଇ ଆଇରକ୍ଷା ତାଲିମ ଛାତ୍ରୀ ମାନଙ୍କ ପାଇଁ କେତେ ଉପଯୋଗୀ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧକ୍ଷା ଦାସ ସାମ୍ପ୍ରତିକ ସମୟରେ ଛାତ୍ରୀ ସୁରକ୍ଷାର ଆବଶ୍ୟକ୍ତା ସମ୍ପର୍କରେ ନିଜର ଉପାଦେୟ ବକ୍ତବ୍ୟ ରଖିଥିଲେ। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଯୋଜକ ବିମଳେନ୍ଦୁ ଶେଖର ଦାଶ, ସହ ସଂଯୋଜିକା ଜ୍ୟୋସ୍ନା ପଣ୍ଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷିକା ବବିତା ସେଠୀ ଶିବିରରେ ଯୋଗ ଦେଇଥିବା ଛାତ୍ରୀ ମାନଙ୍କୁ ଆନରକ୍ଷାର ବିଭିନ୍ନ କୌଶଳ ମାନ ଶିଖାଇଥିଲେ। ଏଥି ସହିତ ବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ଉମାକାନ୍ତ ଜେନା ଉପସ୍ଥିତ ରହି ପିଲାମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖୁଥିଲେ। ଅଧ୍ୟାପିକା ଡକ୍ଟର ରେହାନା ସୁଲତାନା ଓ ଡକ୍ଟର ମମତା ବେହେରା ଶିବିରରେ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଶେଷରେ ଜ୍ୟୋସ୍ନା ପଣ୍ଡା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶମ୍ଭୁନାଥ ଯାଦବଙ୍କୁ 'ଶିକ୍ଷା ସାରଥି' ସମ୍ମାନ



**ବାଲେଶ୍ୱର, ୧୮ା୧(ସମିସ):** ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ୨୧ ତମ ସ୍?ନକ୍ଷତ୍ର ଉତ୍ସବରେ ବାଲେଶ୍ୱରର ଶମ୍ଭୁନାଥ ଯାଦବଙ୍କୁ 'ଶିକ୍ଷା ସାରଥୀ -୨୦୨୪' ରେ ସମ୍ମାନିତ କରାଯାଇଛି। ସଂସ୍ଥାନର ରାଜ୍ୟ ସଭାପତି ଡ. ପ୍ରସନ୍ନ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବକୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡଃ ଇଲିଆନା ସିତାରିଷ୍ଟୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ତଥା ଆନ୍ଧ୍ରା ବିଶ୍ୱବିଦ୍ୟାଳୟର କୁଳପତି ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ସ୍ୱାମୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରମୁଖ ଉପସ୍ଥିତ ରହିଥିଲେ। ସଂସ୍ଥାନ ରାଜ୍ୟ ସାଧାରଣ ସମ୍ପାଦକ ଡ. କରୁଣାକର ପ୍ରଧାନ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷା ସାରଥୀ-୨୦୨୪ ସମ୍ମାନ ପାଇଥିବା ଶ୍ରୀ ଯାଦବଙ୍କୁ ବାଲେଶ୍ୱର ଜିଲ୍ଲା ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ଶିକ୍ଷାବିତ୍, ସମାଜସେବୀ, ସଂଗଠକ ଓ ଅନେକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର ବାର୍ଷିକ ସାଧାରଣ ସଭା



**ବାଲେଶ୍ୱର, ୧୮ା୧(ସମିସ):** କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର ଚତୁର୍ଦ୍ଦଶ ବାର୍ଷିକ ସାଧାରଣ ସଭା ବାଲେଶ୍ୱର ସହରସ୍ଥିତ ହେମକାପଦା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ବାଲେଶ୍ୱର କୋଅପରେଟିଭ ସର୍କଲ ଏଆରସିଏସ ଲକ୍ଷ୍ମୀଧର ରାଉତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାମାଜିକ ଓ ଆର୍ଥିକ ବିକାଶରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଭୂମିକା ଏବଂ କ୍ଷୁଦ୍ର ଉଦ୍ୟୋଗ ସମବାୟ ସମିତିର କାର୍ଯ୍ୟ ଧାରାକୁ ପ୍ରଶଂସା କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ଦକ୍ଷତା ବିକାଶ ତାଲିମ ଏବଂ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ବଜାର ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ସ୍ୱୟଂ ସହାୟିକା ଗୋଷ୍ଠୀର ପାଞ୍ଚ ସହରୁ ଅଧିକ ମହିଳା ଯୋଗ ଦେଇଥିଲେ। ଡିଆରସିଏସ କାର୍ଯ୍ୟାଳୟର ସିଆଇ ସୁକାନ୍ତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମବାୟ ମାଧ୍ୟମରେ ଆର୍ଥିକ ବିକାଶର ବିଭିନ୍ନ ମଡେଲ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସମବାୟବିତ ଅରୁଣ ଚାଟାର୍ଜୀ, ଅଜୟ ସାମଲ ଓ କୃଷ୍ଣ ଗୋପାଳ ପଣ୍ଡା ଯୋଗଦେଇ ଥିଲାବେଳେ ସମବାୟ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ଦାସ ବାର୍ଷିକ ଆର୍ଥିକ ବିବରଣୀ ଉପସ୍ଥାପନ କରିବା ସହିତ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ସମିତିର ସଭାନେତ୍ରୀ ଶର୍ମିଷ୍ଠା ଦାସ ସଭାରେ ସଭାପତିତ୍ୱ କରିଥିଲାବେଳେ ସମିତିର ପରିଚାଳକ ସୁରେନ୍ଦ୍ର ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫଏମ୍‌ୟୁ ସହ ୱାଇଏସ୍‌ଡିର ବୁଝାମଣାପତ୍ର ସ୍ୱାକ୍ଷର

**ବାଲେଶ୍ୱର, ୧୮ା୧(ସମିସ):**




ଫକୀରମୋହନ ବିଶ୍ୱବିଦ୍ୟାଳୟ ସୋସିଆଲ ୱାର୍କ ବିଭାଗ ସହଯୋଗରେ ୟୁଥ ଫର୍ ସୋସିଆଲ ଡେଭେଲପମେଣ୍ଟ (ୱାଇଏସଡି) ଓଡ଼ିଶା ସମାଜସେବୀ ସଂସ୍ଥାନ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଓ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୁଝାମଣାପତ୍ର ସ୍ୱାକ୍ଷର ବୈଠକରେ ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ ଓ ୱାଇଏସଡି ସେକ୍ରେଟେରୀ ବିଭୁପ୍ରସାଦ ସାହୁ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ମିଳିତ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗମାନକୁ ଉତ୍ତୋଳନ କରିବା ସହ ସମାଧାନର ସୂତ୍ର ଜନସାଧାରଣଙ୍କ ମଧ୍ୟରେ ସ୍ଥାପନ କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୂଚୀତ କରାଯାଇଥିଲା। ଗବେଷଣା, ସର୍ବେକ୍ଷଣ ଓ ତଥ୍ୟ ସଂଗ୍ରହ ଆଦି ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଗୁଡିକରେ ଦୁଇ ଅନୁଷ୍ଠାନ ଉଭୟଙ୍କୁ ସହଯୋଗ ଯୋଗାଇ ଦେବା ସହ ଜାତୀୟ-ଆନ୍ତର୍ଜାତିକସ୍ତରର ଆଲୋଚନାଚକ୍ରରେ ଅଂଶଗ୍ରହଣର ସୁଯୋଗ ଉତ୍ପନ୍ନ ହୋଇପାରିବ ବୋଲି କୁଳପତି ଶ୍ରୀ ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି। ସୋସିଆଲ ସାଇନ୍ସ, ସୋସିଆଲ ଓ୍ୱାର୍କ ଓ ପପୁଲେସନ ଷ୍ଟଡିଜ ଆଦି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ନିଜ ଇନ୍ଟରସିପ ଗ୍ରହଣ କରିବା ସହ ନିଜ ବୃତ୍ତିଗତ ଜ୍ଞାନ ଆହରଣ

## ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗ ଉତ୍ତୋଳନ ଓ ସମାଧାନର ସୂତ୍ର ସ୍ଥାପନ

ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ ହୋଇପାରିବ ବୋଲି ଶ୍ରୀ ସାହୁ ଉଲ୍ଲେଖ କରିଥିଲେ। ପପୁଲେସନ ଷ୍ଟଡିଜ ବିଭାଗର ଡ଼କ୍ଟର ଗ୍ରେସ୍ ବି ମୁଣ୍ଡୁ କାର୍ଯ୍ୟକ୍ରମ ସଂଯୋଜକ ତଥା ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ଓ ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ ସଞ୍ଚାଳନ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ୟୁଥ ଫର ସୋସିଆଲ ଡେଭେଲପମେଣ୍ଟ ସଦସ୍ୟ ଚନ୍ଦନ କୁମାର ସାହୁ ତଥା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭୁପ୍ରସାଦ ସାହୁଙ୍କ ଦ୍ୱାରା 'ଚାଇଲ୍ଡ ଫ୍ରେଣ୍ଡଲି ଇକୋସିଷ୍ଟମ ଏଣ୍ଡ ରୋଲ ଅଫ ସିଭିଲ ସୋସାଇଟି: ଏ କେସ ଫର ୟୁଥ ଫର ସୋସିଆଲ ଡେଭେଲପମେଣ୍ଟ ଇନ୍ ଓଡ଼ିଶା' ବିଷୟବସ୍ତୁ ସମ୍ବନ୍ଧୀତ ଏକ ଏକ୍ସଟ୍ରା ମ୍ୟୁରାଲ ଲେକ୍‌ଚରର ଅନୁଷ୍ଠିତ ହୋଇଥିଲା।

# ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



**ବାଲେଶ୍ୱର, ୧୮ା୧(ସମିସ):** ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ସହଦେବଖୁଣ୍ଟା ଚାନ୍ଦମାରିପଡ଼ିଆସ୍ଥିତ ପୁରୀ ସରସ୍ୱତୀ ଆବାସିକ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଗତ ଦୁଇଦିନ ଧରି ୫ମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କ୍ରୀଡା ଉତ୍ସବର ଉଦଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ରାକେଶ ସାହା ଏବଂ ମୁଖ୍ୟଅତିଥି ଲଳିତ ନାରାୟଣ ଦାସ ଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ବିଦ୍ୟା ମନ୍ଦିରର ପିଲାମାନଙ୍କୁ ଭୟ ନାମକ ଶତ୍ରୁକୁ ଭୁଲି ଜ୍ଞାନ ନାମକ ବନ୍ଧୁକୁ ଆପଣାଇବାର ବାର୍ତ୍ତା ଦେଇ ପିଲାମାନଙ୍କୁ କ୍ରୀଡା ପ୍ରତି ଉତ୍ସାହିତ କରିଥିଲେ। ପରେ ବିଦ୍ୟା ମନ୍ଦିରର କ୍ରୀଡା ଦାୟିତ୍ୱରେ ଥିବା ଆଚାର୍ଯ୍ୟ ପୂର୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରାଦ୍ଧକ୍ଷା ସବିତା ସାହୁ, ମୁଖ୍ୟବକ୍ତା ଭାବେ ଯୁଗଶ୍ରୀ ଯୁଗ ନାରୀର ସମ୍ପାଦିକା ମମତା ମହାପାତ୍ର ସମ୍ମାନୀତ ଅତିଥି ଭାବେ ବାଇସ ନମ୍ବର ୱାର୍ଡର କାଉନସିଲର ଦେବାଶିଷ ସିଂ ଓ ରାକେଶ ସାହା ଯୋଗଦେଇ, କ୍ରୀଡା ସମ୍ପର୍କିତ ବିଭିନ୍ନ କଥା ଉଦାହରଣ ମାଧ୍ୟମରେ ପିଲାମାନଙ୍କୁ ବୁଝାଇଥିଲେ। କ୍ରୀଡା ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଚ୍ୟାମ୍ପିୟନ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଜିତେନ୍ଦ୍ର ପ୍ରହରାଜ, ସଭାପତି ଚନ୍ଦନ ଗିରି ଓ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଶ୍ମିକାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ବେଳେ ଗାୟତ୍ରୀ ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ଜେନା, ସାବିତ୍ରୀ ପାକଳ, ଶିଖା ବର୍ଦ୍ଧନ ପ୍ରମୁଖ ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ସହଯୋଗ କରିଥିଲେ।

● ନାମ୍ପୋ ସରକାରୀ ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

# ସପ୍ତାହକରେ କାର୍ଯ୍ୟ ଆରମ୍ଭ ପ୍ରତିଶ୍ରୁତି ପରେ ଅନଶନ ଭଙ୍ଗ

**ନାମ୍ପୋ, ୧୮।୧(ସମିସ):** ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ଅନିୟମିତତା ପ୍ରତିବାଦରେ କେତେକ ଅଭିଭାବକଙ୍କ ପକ୍ଷରୁ ଗତ କାଲି ସକାଳ ୧୦ ଘଟିକାରୁ ବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଜାରି ରହିଥିଲା। ବିଦ୍ୟାଳୟରେ ହେଉଥିବା ବିଭିନ୍ନ ପ୍ରକାରର କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ରେ ଆନ୍ଦୋଳନ କାରୀ ମନେ ପୂର୍ବରୁ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରିକି ଏ ସଂକ୍ରାନ୍ତରେ ସେମାନେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଜିଲ୍ଲାପାଳ ମହୋଦୟ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ବାଧ୍ୟହୋଇ ସେମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତ ୧୬ ତାରିଖ ଠାରୁ ବିଦ୍ୟାଳୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଆଜି ବାଲେଶ୍ୱର ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ କାଳନ୍ଦୀ ସରେନ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଜେନା ଓ ନାମ୍ପୋ ଫାଣ୍ଡି ଅଧିକାରୀ ଫକୀର ଚରଣ ପ୍ରଧାନ ଅନଶନ ସ୍ଥଳରେ ପହଞ୍ଚି ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ପର୍ଯ୍ୟାୟ କ୍ରମେ ସମସ୍ତ ଦାବି ପୂରଣ କରାଯିବାର ଲିଖିତ ପ୍ରତିଶୃତି ଦେବାପରେ ଅନଶନ ଭଙ୍ଗ ହୋଇଥିଲା।

# 'ବଡ଼ହେବା ପାଇଁ ସ୍ୱପ୍ନ ଦେଖ ଓ ସଫଳ ହୁଅ'

**ବାଲିଆପାଳ/ବଳରାମପୁର, ୧୮।୧(ସମିସ):**



ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡହେବା ପାଇଁ ସ୍ୱପ୍ନ ଦେଖ, ଆଉ ତାକୁ କାର୍ଯ୍ୟରେ ସଫଳ କର। ଶୋଇକି ସ୍ୱପ୍ନ ଦେଖ ନାହିଁ। ଚେଇଁକି ସ୍ୱପ୍ନ ଦେଖ ଆଉ ତାକୁ କାର୍ଯ୍ୟରେ ରୂପାନ୍ତରିତ କରି ପରିବାର ଓ ଦେଶର ନାମ ରଖ। କେବଳ ପୁସ୍ତକ ଭିତରୁ ଶିକ୍ଷା କରିବା ସହିତ ନିଜର ପାରିପାର୍ଶ୍ୱିକ ସମାଜ ଓ ନିଜ ପରିବାରରୁ ମଧ୍ୟ ଶିକ୍ଷା ଅର୍ଜନ କରିବା ଉଚିତ ବୋଲି ଗୁରୁବାର ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ କେଦାର ନାଥ ମହାନ୍ତି, ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟ ଆଲୁମିନି ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ରଣା, ସିଆରସିସି ଅଶୋକ କୁମାର ଗିରି, ଅବସର ପ୍ରାପ୍ତ ଅଧକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଅନନ୍ତ ଗିରି, ଅବସର ପ୍ରାପ୍ତ ଅଧକ୍ଷ କୁଞ୍ଜକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି କହିଥିଲେ। ବିଦ୍ୟାଳୟର ଶିକ୍ଷକ ରାଜେଶ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାକର ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବା ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅମରେନ୍ଦ୍ର ପାତ୍ର, ମନମୋହନ ବାସ୍କେ, ମାନସୀ ଦାସ, ପୂଜାରାଣୀ ଦାସ, ଶୁଭସ୍ମିତା ବେହେରା, ପୁଷ୍ପକ ଜେନା, ରବୀନ୍ଦ୍ର କୁମାର ସାହୁ, ମଧୁସ୍ମିତା ଜେନା, ତପନ କୁମାର ଜେନା, ଆଶୀର୍ବାଦ ବାରିକ ଅରବିନ୍ଦ ବେହେରା, ରାଜେଶ ପାତ୍ର, କର୍ମଚାରୀ ଅରୁଣ ରଣଜିତ, ବିଶ୍ୱନାଥ ସିଂ ଓ ବୀଣାପାଣି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର




**ବାଲେଶ୍ୱର(ଉତ୍ତର), ୧୮।୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ଏହି ବ୍ଲକର ବିଭିନ୍ନ ପଞ୍ଚାୟତ ର ନିର୍ବାଚିତ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି ଆର ଏସ, ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଉକ୍ତ ଶିବିରକୁ ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି ଉଦଘାଟନ କରିଥିବା ବେଳେ ବିଡ଼ିଓ ଉମାକାନ୍ତ ପରିଡ଼ା ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ ଯେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତା ଓ ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଙ୍କ ତତ୍ତ୍ୱାବଧାନ ତଥା ଭୋଗରାଇ ବ୍ଲକ ବିପର୍ଯ୍ୟୟ ପରିଚାଳନା ସମିତି ଆନୁକୂଲ୍ୟରେ ହେଉଥିବା ଏହି ପ୍ରଶିକ୍ଷଣ ଶିବିର ରେ ଗ୍ରାମ ସ୍ତରରେ ବିପର୍ଯ୍ୟୟ କୁ ମୁକାବିଲା କରିବା ପାଇଁ ଏକ ଯୋଜନା କରିବାର ଆବଶ୍ୟକତା ରହିଛି। ଏହି ଯୋଜନା ବା ଖସଡ଼ା ଜରିଆରେ ଗ୍ରାମବାସୀ ମାନେ ନିଜେ ବିପର୍ଯ୍ୟୟ କୁ ମୁକାବିଲା କରିବା ପାଇଁ ପୂର୍ବ ପ୍ରସ୍ତୁତି ନେଇପାରିବେ। ତେଣୁ ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ତଥା କର୍ମଚାରୀ ମାନେ ଯୋଜନା ପୁସ୍ତିକା ପ୍ରସ୍ତୁତି ରେ ସହଯୋଗ କରିବାକୁ ବିଡ଼ିଓ ଶ୍ରୀ ପରିଡ଼ା ଅନୁରୋଧ କରିଥିଲେ। ପ୍ରଶିକ୍ଷକ ଭାବେ ନୋଡାଲ ଏନଜିଓ ସିଡା ଓ ପ୍ରୟାସ ପକ୍ଷରୁ ଅଞ୍ଜନ କୁମାର ଚାନ୍ଦ, ବିଶ୍ୱମ୍ବର ଦାସ ବିମଳେନ୍ଦୁ ଗିରି, ସୁବ୍ରତ ସାମଲ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ହାପି ଫାଉଣ୍ଡେସନ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




**ଚୌକି, ୧୮।୧(ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ ନାରାୟଣ ମାହାନ୍ତି ପଡ଼ିଆ ଠାରେ ହାପି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ପଞ୍ଚାୟତ ସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ନାରାୟଣ ମାହାନ୍ତି ପଡ଼ିଆ ସରପଞ୍ଚ ରାଧାରାଣୀ ବେହେରା ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିବା ବେଳେ ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି ୩୫ ନମ୍ବର ଜୁନର ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଚାନ୍ଦ ସରପଞ୍ଚ ପ୍ରତିନିଧି ପ୍ରଦୀପ ବେହେରା, ସଦସ୍ୟ ବିଶ୍ୱନାଥ ଗିରି ଉଦଯାପନୀ ଉତ୍ସବରେ ଯୋଗ ଦେଇ ଚାମ୍ପିଆନ ଦଳକୁ ପୁରସ୍କୃତ କରିଥିଲେ।ମାଟିକେଞ୍ଚା ସ୍କୁଲ ସାମ୍ନା ପଡ଼ିଆରେ ଚାଲିଥିବା ଏହି ପ୍ରତିଯୋଗିତାରେ ୮ ଟି ପଞ୍ଚାୟତର ଦଳ ଅଂଶଗ୍ରହଣ କରି ଥିବା ବେଳେ ନାରାଣମହାନ୍ତି ପଡ଼ିଆ ଓ କାନ୍ଠିଥଭଉରୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କାନ୍ଠିଥଭଉରୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭର୍ ରେ ୭ୱିକେଟ ହରାଇ ୩୬ରନ ସଂଗ୍ରହ କରିଥିବା ବେଳେ ଏହି ରନ କୁ ନାରାଣମହାନ୍ତିପଡ଼ିଆ ୭.୪ ଓଭର ରେ ମାତ୍ର ଦୁଇ ୱିକେଟ ହରାଇ ୩୭ରନ ସଂଗ୍ରହ କରି ଚମ୍ପିୟାନ ହୋଇଥିଲେ। ଏହି ମ୍ୟାଚ୍ ର ମ୍ୟାନ ଅଫ ଦା ମ୍ୟାଚ୍ ସଂଗ୍ରାମ ହୋଇଥିବା ବେଳେ ଚନ୍ଦନ ମ୍ୟାନ ଅଫ ଦା ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ହେପି ଫାଉଣ୍ଡେସନ ର ସଭାପତି କ?ପ୍ରସାଦ ସାହୁ ଓ ହ୍ୟାପି ଫାଉଣ୍ଡେସନ ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

# ପୋଚ ନଷ୍ଟ ସହ ଦେଶୀମଦ ଜବତ, ତିନି ଗିରଫ

**ସୋର, ୧୮।୧(ସମିସ) :** ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଡଗରା ଗ୍ରାମରେ ଚଢ଼ାଉ କରି ବନ୍ଧୁରାମ ସେଠୀ ନିକଟରୁ ୩୮ ଲିଟର ଦେଶୀମଦ, ସେହିଗ୍ରାମର ଟିକମ ସିଂ ନିକଟରୁ ୩୫ ଲିଟର ଦେଶୀମଦ, ଏବଂ ବଣବିଷ୍ଣୁପୁର ଗ୍ରାମର ଦିବାକର ପଣ୍ଡା ନିକଟରୁ ୧୮ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ସେହିପରି ସରଳିଆ ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦରନ୍ଧା କାରଖାନା ଉପରେ ଚଢ଼ଉ କରି ୨୧୫୦ ଲିଟର ଗୁଡ଼ପୋଚ ନଷ୍ଟ କରି ଥିବା ବେଳେ ୧୩୦ ଲିଟର ଦେଶୀମଦ ଜବତ କରିଥିଲେ। ଏହି ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ଗଣେଶ ସିଂ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର

**ଦହମୁଣ୍ଡା, ୧୮।୧ (ସମିସ) :** ଭୋଗରାଇ ବ୍ଲକ ଦହମୁଣ୍ଡା ସ୍ଥିତ ଆନନ୍ଦମୟୀ ମହିଳା ଉଚ୍ଚମାଧମିକ ବିଦ୍ୟାଳୟରେ ଛାତ୍ରୀ ଆତ ସୁରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ଅଳକା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ କଲେଜର ପୂର୍ବତନ ଉମେଶ ଚନ୍ଦ୍ର ଜେନା ସାମ୍ପ୍ରତିକ ସମାଜରେ ଛାତ୍ରୀ ଆତସୁରକ୍ଷା ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।ସଂଯୋଜିକା ବସୁମତି ପତି ଓ ତାଲିମ ଦାତ୍ରୀ ଦେବଯାନୀ ପ୍ରଧାନ ଛାତ୍ରୀ ଆତ ସୁରକ୍ଷା ର ବିଭିନ୍ନ କୌଶଳ ଓ ଦିଗ ସମ୍ପର୍କ ରେ ଆଲୋଚନା କରିଥିଲେ। କିଭଳି ଜଣେ ଛାତ୍ରୀ ନିଜକୁ ସୁରକ୍ଷା ଦେଇ ପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମସ୍ତ ଅଧ୍ୟାପକ /ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

# ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା




**ଭୋଗରାଇ, ୧୮।୧ (ସମିସ) :** ଓଡ଼ିଶା ସରକାରଙ୍କ ପକ୍ଷରୁ ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା 'ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଏବଂ 'ଜଗନ୍ନାଥ ସଂସ୍କୃତି' ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ 'ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା' ପକ୍ଷରୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବାରବାଟିଆସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର 'ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା' ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ପ୍ରଶାନ୍ତ କୁମାର ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ୩୪ ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ନିବେଦିତା ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର, ସମ୍ମାନିତ ଅତିଥି ଭାବେ ବାରବାଟିଆ ପଞ୍ଚାୟତ ସମିତି ସଦସ୍ୟା ସୁମିତା ଦାସ ଓ ଅଧ୍ୟାପିକା ଦୀପାଳି ମହାନ୍ତି, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ସମୃଦ୍ଧ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ଉତ୍କର୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ଡେମନଷ୍ଟ୍ରେଟର ସଞ୍ଜିବ କୁମାର ହାତୀ ମଞ୍ଚ ଆହ୍ୱାନ ଏବଂ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ରାଜେଶ ବଟବ୍ୟାଲ ବେଦପାଠ ଏବଂ 'ନୂଆ -ଓ ସାହିତ୍ୟ ପ୍ରତିଯୋଗିତା'ର ନୋଡାଲ ଅଫିସର ଅଧ୍ୟାପକ ସୁକାନ୍ତ ଶେଖର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ରାଜଶ୍ରୀ ଦତ୍ତ, କଲ୍ୟାଣୀ ମାହାନା ଓ ଅଞ୍ଜନା ପଲେଇ, ଅଣଶିକ୍ଷା କର୍ମଚାରୀ ସୁରେନ୍ଦ୍ର ନାଥ ସାହୁ, ଅଜିତ କୁମାର ପାତ୍ର, ମହମ୍ମଦ ହନିଫ ଖାଁ, ରଞ୍ଜନ ଆଚାର୍ଯ୍ୟ, ହରିଶଙ୍କର ଦତ୍ତ ଓ ଶୁଭେନ୍ଦୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପରେ ଓଡ଼ିଆ ଭାଷାରେ ବକ୍ତୃତା ଓ ଓଡ଼ିଆ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଛାତ୍ରୀଙ୍କୁ ଶିକ୍ଷକଙ୍କ ମାଡ଼, ଥାନାରେ ଅଭିଯୋଗ

**ସୋର, ୧୮।୧ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଖଣ୍ଡାସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକମାନେ ଆକ୍ରୋଶ ମୂଳକ ଭାବେ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଖଣ୍ଡାସାହି ଗ୍ରାମର ସୁଶାନ୍ତ ଦାସଙ୍କ ଝିଅ ଏହି ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପାଠ ପଢ଼ନ୍ତି। ଏହି ସ୍କୁଲରେ ଅନ୍ୟ ଜଣେ ଛାତ୍ର ପଢୁଥିବା ବେଳେ ସେ ସେଠାରେ କ୍ଲାସ ନ କରି ଏକ ବେସରକାରୀ ସ୍କୁଲରେ କ୍ଲାସ କରନ୍ତି। ଯାହାକୁ ନେଇ ସୁଶାନ୍ତ ବିଦ୍ୟାଳୟର ଶିକ୍ଷକ ମାନଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଶିକ୍ଷକ ମାନେ ଏ ବାବଦରେ କିଛି ବୁଝି ନଥିଲେ। କିନ୍ତୁ ଆଜି ଅପରାହ୍ନରେ ଉକ୍ତ ସ୍କୁଲର ଦୁଇ ଶିକ୍ଷକ ଆକ୍ରୋଶ ମୂଳକ ଭାବେ ତାଙ୍କ ଝିଅଙ୍କୁ କୌଣସି କାରଣରୁ ମାଡ଼ ମାରିଥିଲେ। ଏ ବାବଦରେ ଅବଗତ ହେବା ପରେ ଛାତ୍ରୀଙ୍କ ମା ମିତାଞ୍ଜଳି ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମହତାବ ମହାବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ଖଇରା, ୧୮।୧ (ସମିସ):** ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ନୁଆ-ଓ ଭାଷା ସାହିତ୍ୟ ସମ୍ମିଳନୀ ତଥା ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ +୩ ବିଭାଗର ନୋଡାଲ ଅଫିସର ଅଧ୍ୟାପିକା ମାଳତୀଲତା ହାତୀ ଓ +୨ ବିଭାଗର



ନୋଡାଲ ଅଫିସର ଅଧ୍ୟାପିକା ଡ ଆଭାରାଣୀ ବଳ ପ୍ରମୁଖ ଯୋଗ ଦେଇ ଏଭଳି ପ୍ରତିଯୋଗିତା ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତିକୁ ସମୃଦ୍ଧ କରିବ ବୋଲି ପ୍ରକାଶ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ପ୍ରବନ୍ଧ ଲିଖନ, କ୍ଷୁଦ୍ରଗଳ୍ପ ଲିଖନ, କବିତା ପାଠଏବଂ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ରଶ୍ମିତା ବିଶ୍ୱାଳ, କସ୍ତୁରୀ ବେହେରା, ପ୍ରାଧ୍ୟାପକ ଲିଙ୍ଗରାଜ କର, ଅଧ୍ୟାପକ ଅଂଶୁମାନ ନାୟକ, ଭକ୍ତବନ୍ଧୁ ସାହୁ, ଅଶୋକ କୁମାର ହାତୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓ ଉତ୍ସବର ପୂର୍ଣ୍ଣାହୁତି

**ଚନ୍ଦନେଶ୍ୱର, ୧୮।୧(ସମିସ) :**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଶ୍ରୀ ଜଗନ୍ନାଥ ଧାମର ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଯଜ୍ଞାନୁଷ୍ଠାନର ପୂର୍ଣ୍ଣାହୁତି ପାଇଁ ସମଗ୍ର ରାଜ୍ୟ ଉତ୍ସବ ମୁଖର ହୋଇ ଉଠିଥିଲା। ଏହି ଅବସରରେ ଭୋଗରାଇର ୫୦ ପଞ୍ଚାୟତ ସମେତ ବ୍ଲକ ସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋଗରାଇର ମା' ବିଜୟା ବାଶୁଳୀଙ୍କ ପୀଠରେ ଭୋଗରାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ବିଡିଓ ଉମାକାନ୍ତ ପରିଡ଼ାଙ୍କ ତତ୍ୱାବଧାନରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା। ଏଥି ସହିତ ୩୫ ନମ୍ବର ଜୋନରେ ଟୁକୁରୀହାଜିରା, ଜଗନ୍ନାଥପୁର, ହୁଗୁଳି, ଶଙ୍ଖାରୀ, ସାହାବାଜୀପୁର, ଶ୍ରଦ୍ଧାପୁର, କାନ୍ଠିଥଭଉଁରୀ, ନାରାୟଣ ମହାନ୍ତି ପଡ଼ିଆ ଆଦି ପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମକୁ ପାଳନ କରାଯାଇଥିଲା। ଟୁକୁରୀହାଜିରା ପଞ୍ଚାୟତ ପକ୍ଷରୁ ଭୋଗରାଇର ପ୍ରସିଦ୍ଧ ମାଁ ନାଇକାଣୀ (ନବଦୁର୍ଗା) ମନ୍ଦିର ସମ୍ମୁଖରେ ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ଉପେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା। ଏଥିରେ ପଞ୍ଚାୟତ ସମିତି ଉପଧକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ଜିଲ୍ଲା ପରିଷଦ ଗିରିଶ ଚନ୍ଦ୍ର ଦତ୍ତ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରାମାଣିକ, ସମାଜସେବୀ ଅଭିଜିତ ଦାସ, ବିଶ୍ୱଜିତ ଦାସ, ବିକ୍ରମ କେଶରୀ ଚନ୍ଦ, ଶନ୍ତୋଷ ସାସମଲ, ନୟନ ପ୍ରଧାନ, ସମେତ ବହୁ ଲୋକ ସାମିଲ ଥିଲେ। ସମଗ୍ର ପଞ୍ଚାୟତ ବାସୀଙ୍କ ସକାଶେ ଅନ୍ନମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ୪, ୮୭୬ ଜଣ ପ୍ରସାଦ ସେବନ କରି ଥିଲେ। ସେହିଭଳି ସାହାବାଜିପୁର ପଞ୍ଚାୟତରେ ସରପଞ୍ଚ ଅରୁଣ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ହୁଗୁଳି ସରପଞ୍ଚ ସୁଷମା ପଣ୍ଡା, ସମିତି ସଦସ୍ୟ ଗୋବିନ୍ଦ ଦାସ, ନାଏବ ସରପଞ୍ଚ ବିଭୂତି ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସହିତ ୨୦୦୦ହଜାର ଜଣଙ୍କ ପାଇଁ ଅନ୍ନ ମହୋତ୍ସବ, ଜଗନ୍ନାଥ ପୁର ପଞ୍ଚାୟତର ସରପଞ୍ଚ ଅଶୋକ ସାସମଲ ଓ ପଞ୍ଚାୟତ ସମିତି ସଦସ୍ୟ ଶ୍ରୀକାନ୍ତ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ, ଶଙ୍ଖାରୀ ପଞ୍ଚାୟତର ସରପଞ୍ଚ ଶିଦ୍ଧେଶ୍ୱରୀ ପାତ୍ର ଓ ସମିତି ସଭ୍ୟ ସୁବାସିନୀ ଜେନା, ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚ ପ୍ରତ୍ୟାଶା ପାତ୍ର ଆଦିଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି।

# ଟାଉନ ହାଇସ୍କୁଲର ବାର୍ଷିକ ଉତ୍ସବ ସହ ପୁରସ୍କାର ବିତରଣୀ ଉତ୍ସବ

**ବାଲେଶ୍ୱର, ୧୮।୧(ସମିସ):** ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଟାଉନ ହାଇସ୍କୁଲ ବାର୍ଷିକ ଉତ୍ସବ ଓ ୬୫ତମ ପୁରସ୍କାର ବିତରଣୀ ଉତ୍ସବ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଉଦଘାଟକ ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦଘାଟନ କରିବା ସହ ପିଲାମାନେ କର୍ମଠ ଏବଂ ନିଷ୍ଠାବାନ ହେବା ଉଚିତ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଯୋଗଦେଇ ଆତ୍ମ ବିଶ୍ୱାସ ଓ ଦୃଢ଼ ଇଛା ଶକ୍ତି ମଣିଷକୁ ସଫଳ କରାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ଭାଷା ସାହିତ୍ୟର ପ୍ରାଧ୍ୟାପକ ଡ ରମାକାନ୍ତ ବେହେରା ଯୋଗ ଦେଇ ଛାତ୍ରଛାତ୍ରୀଙ୍କ କୃତିତ୍ୱ ବିଦ୍ୟାଳୟର ମାନ ବଢ଼ାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶଚନ୍ଦ୍ର ମହାଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ଝୁଣ୍ଟିଆ, ପୁରାତନ ଛାତ୍ର ପରିଷଦର ସଭାପତି ସୁବ୍ରତ କର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ପଣ୍ଡା ବେଦପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଦ୍ୟାଳୟର ପୁସ୍ତକ ମେଳା 'ମୋ କଥା ମୋ କହାଣୀ' ବୁଲି ଦେଖିଥିଲେ। ଆଲୁମିନି ତଥା ହେଲପିଂ ସୋସାଇଟିର ସଭାପତି ହିତ୍ରିକ ନାୟକ, ଡ୍ୟାନସ ଶିକ୍ଷକ ରବି ସାର, ଖୋ-ଖୋରେ ଇଣ୍ଡିଆ ଟିମରେ ଭାଗ ନେଇଥିବା ଆଥଲେଟିକ ତଥା ଉକ୍ତ ବିଦ୍ୟାଳୟର ଛାତ୍ର ଜଗନ୍ନାଥ ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରଣକୋଠା ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜରଙ୍କ ଅସହଯୋଗ ଅଭିଯୋଗ

# 'ମୋ ଘର' ଯୋଜନାରେ ଋଣ ପାଇବାକୁ ଲୋକେ ହନ୍ତସନ୍ତ

**ଚନ୍ଦନେଶ୍ୱର, ୧୮।୧(ସମିସ) :** ଭୋଗରାଇ ବ୍ଲକ ଟୁଙ୍କୁରୀହାଜିରା ପଞ୍ଚାୟତସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରଣକୋଠା ଶାଖାର ମ୍ୟାନେଜର ଉପରେ ସ୍ଥାନୀୟ ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚଳିତ ବର୍ଷ ଆରମ୍ଭ କରାଯାଇଥିବା ମୋ ଘର ଯୋଜନାରେ କୌଣସି ଲୋକଙ୍କୁ ବ୍ୟାଙ୍କ ଋଣ ଦେଉନାହିଁ। ଓଲଟି ସାଧାରଣ ଲୋକେ ଯଦି ଏ ବାବଦରେ ବୁଝିବାକୁ ମ୍ୟାନେଜର ନିକଟକୁ ଯାଉଛନ୍ତି ସେ ବ୍ୟବହାର ଖରାପ କରୁଥିବା ଅଭିଯୋଗ ହୋଇଛି। ଏପରିକି ସ୍ଥାନୀୟ ଜନ ପ୍ରତିନିଧି ତଥା ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ବିକ୍ରମ କେଶରୀ ଚନ୍ଦ, ସମାଜସେବୀ ସନ୍ତୋଷ ସାସମଲ, ପୂର୍ବତନ ଓ୍ୱାର୍ଡ ସଦସ୍ୟ ଅଚିନ୍ତ ପାତ୍ର, ସମାଜସେବୀ ନୟନ ପ୍ରଧାନ, ରବୀନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ ମଧ୍ୟ ଶାଖା ପରିଚାଳକ କ୍ରିଷ୍ଣେନ୍ଦୁ ରାୟ ଖରାପ ବ୍ୟବହାର ଦେଖାଇଥିବା ସେମାନେ ଅଭିଯୋଗ କରିଛନ୍ତି। ମ୍ୟାନେଜର ଶ୍ରୀ ରାୟଙ୍କ ଏଭଳି ବ୍ୟବହାର ପାଇଁ ପୂର୍ବରୁ ଜୁଲାଇ ୫ ତାରିଖ ଦିନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଏକତ୍ରିତ ହୋଇ ତାଲା ପକାଇଥିଲେ। ସେତେବେଳେ ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନର ନେତୃତ୍ୱ ନେଇଥିବା ମହିଳା ମଞ୍ଜୁରାଣୀ ସାହୁ, ହରପ୍ରିୟା ଦଣ୍ଡପାଟ, କବିତା ପରାମାଣିକ, ନମିତା ପ୍ରଧାନ, ମିନତୀ ସାହୁ, ଆରତୀ ପରାମାଣିକ, ଭାରତୀ ପ୍ରଧାନ, ସବିତା ପ୍ରଧାନ ଙ୍କୁ ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ଶେଷରେ ୧୫ ଦିନ ମଧ୍ୟରେ ଗ୍ରାହକ ମାନଙ୍କ ପ୍ରତି ନିଜ ବ୍ୟବହାରର ସୁଧାର ନ ଆଣିଲେ ପୁଣିଥରେ ସେମାନେ ତାଲା ପକାଇବେ ବୋଲି ଚେତାବନୀ ଦେଇଥିଲେ। ଏନେଇ ସ୍ଥାନୀୟ ଲୋକେ ଓ ଜନପ୍ରତିନିଧି ମାନେ ଗ୍ରାମ୍ୟ ବ୍ୟାଙ୍କର ରିଜିଓନାଲ ମ୍ୟାନେଜରଙ୍କଠାରେ ନିବେଦନ ରଖିଛନ୍ତି।

## ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର




**ଜଳେଶ୍ୱର ବ୍ଲକ, ୧୮।୧ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂଆ ଓଡ଼ିଶା ଯୁବ ଓଡ଼ିଶା ଆନୁକୂଲ୍ୟରେ ଜଗନ୍ନାଥ ସଂସ୍କୃତି ଓ ବିଶ୍ୱବୋଧ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟାକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ନାଥ ଦତ୍ତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଭାସ ଚନ୍ଦ୍ର ଗିରି ଯୋଗଦେଇ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ତଥା ଗବେଷକ ବିପିନ ବିହାରି ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ପରିକ୍ରମା ବିଷୟରେ ଦୀର୍ଘ ସମୟ ଆଲୋଚନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ରମାକାନ୍ତ ଦେ ପରିଚାଳନା ଦାୟିତ୍ୱରେ ରହି ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ତୁଲେଇ ଥିଲେ। ଦର୍ଶନ ଶାସ୍ତ୍ର ବିଭାଗର ଅଧ୍ୟାପକ ମୂରଲୀ ଧର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଇଂରାଜୀ ଅଧ୍ୟାପକ ଦେବବ୍ରତ ପ୍ରଧାନ, ଅର୍ଥଶାସ୍ତ୍ର ଅଧ୍ୟାପକ ଦୈତାରୀ ପ୍ରସାଦ ଦେ, ଇତିହାସ ଅଧ୍ୟାପକ ଜ୍ଞାନେନ୍ଦ୍ର ନାଥ ରଣା ଲାଇବେରିଆନ ମଦନ କୁମାର ନାୟକ କ୍ରୀଡା ଶିକ୍ଷକ ଧନଞ୍ଜୟ ଦତ୍ତ, କନିଷ୍ଠ କିରାଣୀ ପ୍ରବୀର ପ୍ରମାଣିକ, ପିଅନ କବିତା ସେନାପତି, ସନ୍ତୋଷ ପାତ୍ର, କୃଷ୍ଣ ମୋହନ ଜେନା, ଜୟଦେବ ସେନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଆନୁକୂଲ୍ୟରେ ଭଜନ ଓ ଓଡ଼ିଆ ଲୋକନୃତ୍ୟ ଅନୁଷ୍ଠିତ ହେଇଥିଲା।

## 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୀଳଗିରି, ୧୮।୧ (ସମିସ):** ରେମୁଣା ବ୍ଲକ ଅନ୍ତର୍ଗତ ବରୁଣସିଂ ଜୁନିୟର କଲେଜରେ 'ନୂଆ-ଓ ଯୁବ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ରେମୁଣାର ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟବକ୍ତା ରୂପେ ବରିଷ୍ଠ କବି ତଥା ଖନ୍ତାପଡ଼ା ଚେତନା ସାହିତ୍ୟ ସଂସଦର ସମ୍ପାଦକ ଓ ସମ୍ମାନିତ ଅତିଥି ରୂପେ ରେମୁଣା ବ୍ଲକ ଚେୟାରମ୍ୟାନ୍ ରାଜେନ୍ଦ୍ର ରାଉତ, ସମାଜସେବୀ ମାର୍କଣ୍ଡ ସେଠି, ବରୁଣସିଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ମହାନ୍ତି ଛାତ୍ରଛାତ୍ରୀଙ୍କୁ ନୂଆ-ଓ ଯୁବଓଡ଼ିଶା କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ସଂସ୍କୃତ ଅଧ୍ୟାପକ ଡ. ସତୀଶ ଚନ୍ଦ୍ର ପଟ୍ଟନାୟକ, କୋଡ଼ିନେଟର ବଳରାମ ସାହୁ, ଡ. ମନସ୍ୱିନୀ ବାରିକ ଓ ବସନ୍ତ ମହନ୍ତ ଏଥିରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ

**ରାଜବରହମପୁର/ନୀଳଗିରି, ୧୮।୧ (ସମିସ):** ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ- ଓ ଓଡ଼ିଆ ସାହିତ୍ୟ' ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମର ନାଥ ସଙ୍କ ଅଧ୍ୟକ୍ଷତାରେ ଏହି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ର ବରହମପୁର ଶାଖା ପରିଚାଳକ ରଣଜିତ କୁମାର ଶିଅଳ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ବାଲୁକେଶ୍ୱର ବଳ ଓ ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର, ଏହା ଏକ ଅଭିନବ ପ୍ରୟାସ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ, ଜଗନ୍ନାଥ ସଂସ୍କୃତି, ଭଜନ, ଜଣାଣ, ଓଡ଼ିଆ ନାଟକ, ପ୍ରବନ୍ଧ, ରଚନା, ଗୀତ, ନାଚ, ସିନେମା ପ୍ରଦର୍ଶନ, କୁଇଜ ପ୍ରମୁଖ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମ ଆଗାମୀ ୭ଦିନ ବ୍ୟାପି ଚାଲିବ। କୃତି ପ୍ରତିଯୋଗୀ ମାନଙ୍କୁ ଉଜ୍ଜାପନୀ ଦିବସରେ ପୁରସ୍କୃତ କରାଯିବ। ପ୍ରାଧ୍ୟାପକ ପ୍ରଭାସ କୁସୁମ ଆଚାର୍ଯ୍ୟ, ବିଜୟ କୁମାର ଜେନା, ତାପସ ରଞ୍ଜନ ବେହେରା, ଗୀତାଞ୍ଜଳି ମହାନ୍ତି, କୁନା ସିଂ, ଅନିଲ ସିଂ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଧ୍ୟାପକ (ପି ଜି ଟି) ପୂର୍ଣ୍ଣଚନ୍ଦ୍ର ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅମର ହୋଇ ରହିବେ ନନ୍ଦୀ ସାର୍

**ଖଇରା, ୧୮ ।୧ (ସମିସ):** ଖଇରା ବ୍ଲକ କୁରୁଣ୍ଟା ସରକାରୀ ସ୍କୁଲର ପୂର୍ବତନ ଗଣିତ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ନନ୍ଦୀ(୭୬)ଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତିସଭା ଖଇରାଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କୁରୁଣ୍ଟା ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ପଣ୍ଡା, ପ୍ରାକ୍ତନ ଶିକ୍ଷକ ଅଜୟ ପଣ୍ଡା, ରତ୍ନାକର ପଣ୍ଡା ଓ କରୁଣାକର ପୃଷ୍ଟି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକ ପାତ କରିଥିଲେ। ଛାତ୍ରବତ୍ସଳତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳାତ୍ମକ ଭାବନା ସୃଷ୍ଟି ପାଇଁ ନିଜେ ପିଲାଙ୍କ ସହ ମିଶି ଯାତ୍ରା ମଞ୍ଚସ୍ଥ କରିବା, ସମୟାନୁବର୍ତ୍ତିତା ଇତ୍ୟାଦି ଗୁଣପାଇଁ ହଜାର ହଜାର ଛାତ୍ରୀଙ୍କ ମାନସପଟରେ ଅମର ହୋଇ ରହିବେ ବୋଲି ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ରମାନେ ପ୍ରକାଶ କରିଥିଲେ।

## ନଗେନ୍ଦ୍ରବାବୁଙ୍କ ସ୍ମୃତିସଭା

**ଖଇରା, ୧୮ ।୧ (ସମିସ):** ଖଇରା ମହାବିଦ୍ୟାଳୟ ପ୍ରତିଷ୍ଠାର ଅନ୍ୟତମ ପୁରୋଧା, ସୁନାମଧନ୍ୟ ଚିକିତ୍ସକ, ବାଲେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ତଥା ଖଇରା ବାଇମୁଣ୍ଡି ଭାବେ ପରିଚିତ ଡା ସ୍ୱର୍ଗତ ନଗେନ୍ଦ୍ର ନାଥ ମହାନ୍ତିଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଖଇରା ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରତିଭା ପରିବାର ଆନୁକୂଲ୍ୟରେ ଆୟୋଜିତ ସଭାରେ ବୁଦ୍ଧିରାମ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଶରତ କୁମାର ବିଶ୍ୱାଳ, ଅନ୍ତର୍ଯାମୀ ପାତ୍ର, ଲକ୍ଷ୍ମୀଧର ମହାପାତ୍ର, ରାମଚନ୍ଦ୍ର ଦାସ, ବିଷ୍ଣୁମୋହନ ଶତପଥି, ସୁଦର୍ଶନ ପାଣିଗ୍ରାହୀ, ସନାତନ ବେହେରା, କମଳାକାନ୍ତ ନାୟକ, ସନ୍ତୋଷ ବିଶ୍ୱାଳ, ଜଗଦାନନ୍ଦ ମହାପାତ୍ର, ଚିନ୍ତାମଣି ସାହାଣି, ମୁକ୍ତିକାନ୍ତ ଶତପଥୀ, ମହେନ୍ଦ୍ର ସେନାପତି, ରଘୁନାଥ ପତ୍ରୀ ପ୍ରମୁଖ ବକ୍ତା ଭାବେ ଯୋଗ ସର୍ବଗୁଣସମ୍ପର୍ଣ୍ଣ ଶ୍ରୀମହାନ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିଥିଲେ। ପଙ୍କଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶୀର୍ଷକ 'ଡାକ୍ତର ହିଁ ପ୍ରକୃତ ଈଶ୍ୱର' ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତା ରେ ବିଜୟୀ ହୋଇଥିବା ନାମ୍ୟା ଅମର ଦାସ, ଦୀପଙ୍କର ତ୍ରିପାଠୀ, ସାନଭି ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଇମାମୀ ପକ୍ଷରୁ ଆମ୍ବଡିହା ମୁନି ପଦାରେ ସ୍ୱାସ୍ଥ୍ୟ ଶିବିର

**ବାଲେଶ୍ୱର, ୧୮।୧(ସମିସ):** ଖନ୍ତାପଡ଼ା ଥାନା ଅଧିନସ୍ଥ ଆମ୍ବଡିହାର ଶ୍ରୀ ସିଦ୍ଧ କପିଳ ମୁନି ଙ୍କର ସପ୍ତାହ ବ୍ୟାପୀ ମକର ମୁନିମେଳା ଅବସରରେ ଇମାମୀ ପେପର ମିଲ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜିତ ହେଇଯାଇଛି। ୨୦୦ ରୁ ଅଧିକ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଇମାମୀ ପକ୍ଷରୁ ଔଷଧ ବିତରଣ କରାଯାଇଛି। ବାଲଗୋପାଲପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ପେପର ମିଲର ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ ୟୁସୁଫ ଅଲ୍ଲୀ ସୋଲାଙ୍କି ଓ ସ୍‌ହ ପ୍ରବନ୍ଧକ ମନୋଜ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ହୋମିଓପାଥିକ ଚିକିତ୍ସକ ଡା.ଗଜେନ୍ଦ୍ର ମହାରଣା ଓ ଆୟୁର୍ବେଦିକ ଚିକିତ୍ସକ ଡା. ପ୍ରଦୀପ କୁମାର ଜେନା ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ। ସ୍ଥାନୀୟ ସମାଜସେବୀ ରମାକାନ୍ତ ଗନ୍ତାୟତ ଏହି ଶିବିରକୁ ଉଦଘାଟନ କରିଥିଲେ। ମକର ମେଳା କମିଟିର ସଭାପତି ରମାକାନ୍ତ ବାରିକ, ସମ୍ପାଦକ ସାଧୁଚରଣ ବାରିକ, ଉପସଭାପତି ନିରଞ୍ଜନ ପରିଡ଼ା, ସହ ସମ୍ପାଦକ କୃତିବାସ ପୃଷ୍ଟି, ସମାଜସେବୀ ବାବାଜୀ ମଳିକ, ରବୀନ୍ଦ୍ର ସିଂ, ଦେବେନ୍ଦ୍ର ବାରିକ ପ୍ରମୁଖ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## ଆଡ଼ିଆରେ ଆମ ଗାଁ ପ୍ରତିଭା ସମ୍ମାନ ଉତ୍ସବ

**ସୋର, ୧୮/୧(ସମିସ):** ସୋର ବ୍ଲକ ଜଡ଼ିଦା ପଞ୍ଚାୟତ ଆଡ଼ିଆ ମୁନି ଉତ୍ସବ ଅବସରରେ 'ଆମ ଗାଁ ପ୍ରତିଭା ସମ୍ମାନ-୨୦୨୪' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନମାଳୀ ମହାରାଣାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଡା. ଭାସ୍କର ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ ଏବଂ ଶିକ୍ଷକନେତା ରମାକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଭଳି ସମ୍ମାନ ଗ୍ରାମାଞ୍ଚଳରେ ଲୋକାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣାଯାଇ ପାରିବ ବୋଲି କହିଥିଲେ। ଏହି ଅବସରରେ ୩୨ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଯୁଧିଷ୍ଠିର ରାଉତ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ସୂର୍ଯ୍ୟ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱାଗତିକା ପୃଷ୍ଟି ମଙ୍ଗଳାଚରଣ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତ୍ରୈଲୋକ୍ୟ ବାରିକ, ମଧୁସୂଦନ ବାରିକ, ଲକ୍ଷ୍ମୀକାନ୍ତ ନାୟକ, ଉତ୍ତମ ନାୟକ, ଯତୀନ୍ଦ୍ର ନାୟକ, ଗୌରାଙ୍ଗ ମହାନ୍ତି, ବିନୋଦ ମହାନ୍ତି, ବସନ୍ତ ଜେନା, ମଧୁସୂଦନ ନାୟକ, ବିନୟ ବାରିକ ଓ ରଣଜିତ ମହାନ୍ତି ପରିଚାଳନା କରିଥିଲେ।

## ଚକ୍ଷୁ ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**ବସ୍ତା ବ୍ଲକ, ୧୮।୧ (ସମିସ):** ବସ୍ତା ଲାୟନ୍ସ କ୍ଲବ ପକ୍ଷରୁ ଗୁରୁବାର ୬୦ ନମ୍ବର ଜାତୀୟ ରାଜପଥ ନିକଟ କଟିପୋଲସ୍ଥିତ ଶିବମ ପେଟ୍ରୋଲ ପମ୍ପ ନିକଟରେ ଏକ ଚକ୍ଷୁ ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ପରୀକ୍ଷଣ କେନ୍ଦ୍ରକୁ ଲାୟନ ଡି ଜି ଶରତ ପ୍ରଧାନ ଉଦ୍‌ଘାଟନ କରିଥଲେ। ପରେ ପ୍ରିନ୍ସ କଲ୍ୟାଣ ମଣ୍ଡପ ରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇ ଥିଲା। ଲାୟନ୍ ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ଲାୟନ ଡି ଜି ଶରତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଙ୍କ ମଧ୍ୟରେ ଭିଡିଜି ଲାୟନ ମମତା ଦାସ, ବାଲେଶ୍ୱର ଲାୟନ ଚକ୍ଷୁ ହସ୍ପିଟାଲ ର ପୂର୍ବତନ ଅଧ୍ୟକ୍ଷ ସୁଶିଲ ମୋଦୀ ଓ ବସ୍ତା ଲାୟନ କ୍ଲବର ସଭାପତି ସୁଶିଲ କୁମାର କର୍ଣ୍ଣାନି ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥଲେ। କାର୍ଯ୍ୟକ୍ରମରେ ବସ୍ତା ଲାୟନ କ୍ଲବର ସଦସ୍ୟଙ୍କ ମଧ୍ୟରେ ଜେଡ ସି ଲାୟନ ବିଜୟ କୁମାର ପରିଡ଼ା, ସତ୍ୟନାରାୟଣ କର୍ଣ୍ଣାନୀ, ସତ୍ୟନାରାୟଣ ଗୁପ୍ତା, ସୁମନ୍ତ କୁମାର ଜେନା, ପରମେଶ୍ୱର ବାରିକ, ଦିଗାମ୍ବର ସାହୁ ଉପସ୍ଥିତ ଥିଲେ।

## ମା'ମଙ୍ଗଳା କ୍ରିକେଟ; ପାରାଦୀପ ଚାମ୍ପିଅନ



**ବାଲେଶ୍ୱର, ୧୮।୧(ସମିସ):** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା କସବାଜୟପୁର ପଞ୍ଚାୟତର ମଠ ପଡ଼ିଆରେ ଚତୁର୍ଥ ବାର୍ଷିକ ମା'ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେନ୍ଦୁଝରର ଅଲତା କ୍ରିକେଟ ଟିମକୁ ହରାଇ ପାରାଦୀପ ଡିଆରସି କ୍ରିକେଟ ଟିମ ଚାମ୍ପିଅନ ହେଇଛି। ଫାଇନାଲ ମ୍ୟାଚରେ ପାରାଦୀପ ଟିମ୍ ୧୦ ଓଭରରେ ୩ ଉଇକେଟ ହରାଇ ୧୪୮ ରନ କରିଥିଲା। ଜବାବରେ ଅଲତା ଦଳ ୧୦ ଓଭରରେ ୫ଉଇକେଟ ହରାଇ ୧୦୮ କରି ପରାଜିତ ହୋଇଥିଲା। ଶଶୀକାନ୍ତ ଜେନା ଓ ଜଗନ୍ନାଥ ଦାସ ଖେଳ ପରିଚାଳନା କରିଥିଲେ। ଫାଇନାଲ ଖେଳ ଶେଷରେ ଶିକ୍ଷକ ଗଙ୍ଗା ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେଇଥିଲା। ଏଥିରେ ସମାଜସେବୀ ସନ୍ତୋଷ ଖଟୁଆ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ। ପାରାଦ୍ୱୀପ ଟିମକୁ ଚାମ୍ପିଅନ ଟ୍ରଫି ସହ ୨୫ହଜାର ଟଙ୍କା ଏବଂ ରନର୍ସ ଅପ ଦଳ ଭାବେ କେନ୍ଦୁଝର ଟିମ୍‌କୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## କନ୍ୟାଶ୍ରମରେ ଇଫକୋ ପକ୍ଷରୁ କମ୍ବଳ ବଣ୍ଟନ

**ଜଳେଶ୍ୱର ବ୍ଲକ, ୧୮।୧ (ସମିସ) :** ପଞ୍ଚାୟତସ୍ଥିତ ସରସିଦା ଆନନ୍ଦାୟନ କନ୍ୟାଶ୍ରମରେ ଇଫକୋ ସାର କମ୍ପାନୀ ପକ୍ଷରୁ ୧୦୦ ଜଣ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବର୍ଦ୍ଧନା ସେବା ସମବାୟ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା ତଥା ଇଫକୋ ସାର କମ୍ପାନୀର ପ୍ରବନ୍ଧକ ସେଶଦତ୍ତ ସୋନି, ଓଏସସିଏମଏଫ୍ ପ୍ରବନ୍ଧକ ନାରାୟଣ ପ୍ରସାଦ ବେହେରା, ସୋସିଆଲ କର୍ମୀ ଅରବିନ୍ଦ ମଲ୍ଲିକ ଓ ଜଗବନ୍ଧୁ ଭୂୟାଁ ପ୍ରମୁଖ ଉପସ୍ଥିତ ଥାଇ କମ୍ବଳ ବଣ୍ଟନ କରିଥିଲେ। ଇଫକୋ ସାର କମ୍ପାନୀ ଓ ବର୍ଦ୍ଧନା ସେବା ସମବାୟ ସମିତିର କର୍ମକର୍ତ୍ତାଙ୍କୁ ଜନ ସାଧାରଣ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି।

## ଜ୍ୟୋତିଷ ସମ୍ମିଳନୀରେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ମାନିତ




**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୮।୧(ସମିସ):** ଭୃଗୁ ଜ୍ୟୋତିଷ ସଂସ୍ଥାନ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁସନ ଇଞ୍ଜିନିୟର୍ସ ଠାରେ ଆୟୋଜିତ ସପ୍ତଦଶ ତମ ଏସୀୟ ଜ୍ୟୋତିଷ ସମ୍ମିଳନୀ ଦେଶବିଦେଶର ବିଖ୍ୟାତ ଜ୍ୟୋତିର୍ବିଦ୍ ମାନଙ୍କ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭୃଗୁ ଜ୍ୟୋତିଷ ସଂସ୍ଥାନର ସଂସ୍ଥାପକ ପଣ୍ଡିତ୍ ଶ୍ରୀଧର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ତିରୁପତି ସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡ. ହରେକୃଷ୍ଣ ଶତପଥୀ ଉଦ୍‌ଘାଟକ ଭାବେ ଯୋଗଦାନ କରି ଭାରତୀୟ ଜ୍ୟୋତିଷ ବିଦ୍ୟାର ସଫଳ ଗବେଷଣା ଉପରେ ମତବ୍ୟକ୍ତ କରିଥିଲେ। ଉକ୍ତ ସମ୍ମିଳନୀରେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁଙ୍କୁ ଜ୍ୟୋତିଷ ବିଦ୍ୟା ବିଶାରଦ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ମିଳନୀର ସ୍ମରଣିକାରେ ପ୍ରକାଶିତ ଡ. ସାହୁଙ୍କ ଦ୍ୱାରା ଲିଖିତ ଶବ୍ଦତନ୍ତ୍ର ମାଧ୍ୟମରେ ଜ୍ୟୋତିଷ ପ୍ରତିକାର ଗବେଷଣାତ୍ମକ ନିବନ୍ଧ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଡ. ସାହୁ ସମ୍ମିଳନୀରେ ବାରତ ଯଜ୍ଞ ବିଧାନର ସାମ୍ପ୍ରତିକ ସମୟରେ ଆବଶ୍ୟକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

## ଜଳେଶ୍ୱରକୁ ସବ୍‌ଡିଭିଜନ ମାନ୍ୟତା ଦାବିକଲା ଡେଭଲପ୍‌ମେଣ୍ଟ କମିଟି

ଜଳେଶ୍ୱର ବ୍ଲକ, ୧୮।୧(ସମିସ): ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ଜଳେଶ୍ୱରକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ଜଳେଶ୍ୱର ଡେଭଲପମେଣ୍ଟ କମିଟି ଦାବି କରିଛି। କମିଟି ପକ୍ଷରୁ ଗୋବରଘଟା ପଞ୍ଚାୟତ ଅଧୀନ କୃଷ୍ଣ ନଗରସ୍ଥିତ ଅମ୍ବିକା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବ୍ୟାସକବି ଫକୀରମୋହନଙ୍କ ୧୮୨ ତମ ଜୟନ୍ତୀ ଅବସରରେ ପୌରହିତ୍ୱ କରି ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ରତ୍ନାକର ରାୟ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସୀମାନ୍ତରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ ଜନସାଧାରଣଙ୍କ ଉଦ୍ୟମ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିବା ସହିତ ବ୍ୟାସକବି ଫକୀର ମୋହନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଓଷ୍ଟା ଜଳେଶ୍ୱର ମଣ୍ଡଳ ସମ୍ପାଦକ ଡ. ଅଜିତ କୁମାର ମହାନ୍ତି ଯୋଗଦେଇ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ପାଇଁ ଫକୀରମୋହନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। କମିଟିର ସାଧାରଣ ସମ୍ପାଦକ ତଥା ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସୁକୁମାର ରଣା ବାର୍ଷିକ ବିବରଣୀ ପାଠ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଚ୍ଛ ତୀର୍ଥ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୮ ।୧(ସମିସ): ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ୧୪ରୁ ୨୨ତାରିଖ ପର୍ଯ୍ୟନ୍ତ ଦେଶର ସମସ୍ତ ମନ୍ଦିର ଏବଂ ତୀର୍ଥସ୍ଥଳୀରେ ସ୍ୱଚ୍ଛ ତୀର୍ଥ ଅଭିଯାନ ଚାଲୁଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ସୁଏଲପୁର ସ୍ଥିତ ଗିରିଧାରୀ ମନ୍ଦିର ଓ ମଣ୍ଡଳ ବଜାର ସ୍ଥିତ ଲକ୍ଷ୍ମୀନାରାୟଣ ଜୀଉ ମନ୍ଦିରରେ ସଦର ବିଜେପିର କାର୍ଯ୍ୟକର୍ତା ଓ ସ୍ଥାନୀୟ ବାସିନ୍ଦାମାନେ ସଫେଇ କାର୍ଯ୍ୟରେ ସାମିଲ ହୋଇ ଶ୍ରମଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଦର ନେତା ମାନସ କୁମାର ଦତଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ସୁଜିତ ଦେବ, କାଉନସିଲର ନିତ୍ୟଗୋପାଲ ସିଂ ଓ ନିରୁପମା ଦାଶ, ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ତା ଉପ ଡାକଘରେ ଅବ୍ୟବସ୍ଥା; ଉପଭୋକ୍ତା ହୀନସ୍ତା

**ବସ୍ତା ବ୍ଲକ, ୧୮।୧ (ସମିସ):** ସମସ୍ତ ପରିଚୟ ପତ୍ର ମଧ୍ୟରୁ ଆଧାର କାର୍ଡ ଏବେ ସମସ୍ତ କାର୍ଯ୍ୟରେ ପ୍ରମୁଖ ପରିଚୟ ରୂପେ ବ୍ୟବହୃତ ହେଉଛି। ସ୍କୁଲ ଆଡ଼ମିଶନଠାରୁ ଆରମ୍ଭ କରି ବ୍ୟାଙ୍କ ଖାତା ଖୋଲିବା ଓ ସରକାରୀ ଯୋଜନା ରେ ରାସନ୍ ଚାଉଳ ନେବାଠାରୁ ଆରମ୍ଭ ପ୍ରଧାନମନ୍ତ୍ରୀ ଆବାସ ପର୍ଯ୍ୟନ୍ତ ସବୁଠାରେ ଆଧାର କାର୍ଡ ନିତ୍ୟାନ୍ତ ଦରକାରୀ ଭାବେ ପରିଗଣିତ ହେଉଛି। ଏଭଳି ସ୍ଥଳେ ବସ୍ତା ରେ ଦୀର୍ଘ ମାସ ଧରି ଆଧାର କାର୍ଡ ବନ୍ଦ ରହିଛି। ସେହିପରି ବସ୍ତା ବ୍ଲକ ରେ ଆଧାର କାର୍ଡ ନୂଆ ଓ ସଂଶୋଧନ ବନ୍ଦ ରହିଛି। ଆଧାର ସଂଶୋଧନ ବନ୍ଦ ଥିବା ଯୋଗୁଁ ଛାତ୍ରଛାତ୍ରୀ, ଭତ୍ତା ଆବେଦନ ପାଇଁ ବୃଦ୍ଧବୃଦ୍ଧା, ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ, ବ୍ୟାଙ୍କ କାର୍ଯ୍ୟ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ଓଡ଼ିଶା ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ




ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ସବୁ ବର୍ଗ ର ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ନବୀନ କାର୍ଡ ପାଇଁ ଆବେଦନ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଲୋକେ ଏହା ଆବେଦନ କରି ପାରୁ ନଥିବା ଅଭିଯୋଗ କରିଛନ୍ତି। ସବୁ ପୋଷ୍ଟ ଅଫିସରେ ନୂତନ ଆଧାର ତିଆରି ସହ ସଂଶୋଧନ କରିବା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ହେଲେ ଆଧାର ପାଇଁ ଲୋକ ବସ୍ତା ଡାକ ଘରକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏନେଇ ବସ୍ତା ଉପ ଡାକଘର ର ପୋଷ୍ଟ ମାଷ୍ଟର ଶିବ ମୁର୍ମୁ ଙ୍କୁ ପଚାରିବାରୁ ଦୀର୍ଘ ମାସ ଧରି ଆଧାର ପାଇଁ ବ୍ୟବହୃତ ଯନ୍ତ୍ରାଂଶ ଖରାପ ଅଛି। ମରାମତି ପାଇଁ ପଠାଯାଇ ଥିଲା। ମାତ୍ର ତାହା ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ଅନ୍ୟପକ୍ଷରେ ଏହି ଆଧାର କାର୍ଡ ପାଇଁ ଏଠାରେ କେହି ଷ୍ଟାଫ ନାହାନ୍ତି। ଏ ବାବଦରେ ଉପରିସ୍ଥ ଅଧିକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ମରାମତି ସହ ଏହି କର୍ଯ୍ୟ ପାଇଁ ଜଣେ କର୍ମଚାରୀ ଆସିବା ନେଇ ଜିଲ୍ଲା ଅଧିକାରୀ ପକ୍ଷରୁ କୁହା ଯାଇଛି।

